




ଛେଣ୍ଡିପଦା ଜଗନ୍ନାଥ ମନ୍ଦିର ସମ୍ମୁଖ ପଡ଼ିଆରେ ଶକ୍ତି ପ୍ରଦର୍ଶନ ବେଳେ ବିଜେଡି ସାଂଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଓ ବିଧାୟକ ପ୍ରାର୍ଥୀ ସୁଶାନ୍ତ ବେହେରା

### ହିଙ୍ଗୁଳା ପୀଠରେ ପ୍ରଣବ ପ୍ରକାଶ ଦାସ

# ମା'ଙ୍କ ଆଶିଷ ଲାଭକରି ମୁଖ୍ୟମନ୍ତ୍ରୀଙ୍କ ଶୁଭକାମନା କଲେ




**ତାଳଚେର ସହର, ୨୪।୪(ସମିସ):** ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ପୀଠରେ ଆଜି ପହଞ୍ଚିଥିଲେ ବିଜୁ ଜନତା ଦଳର ସାଂଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ। ମା' ଙ୍କ ଆଶିଷ ଲାଭ କରିବା ପାଇଁ ସକାଳ ପ୍ରାୟ ଆଠଟାରେ ପ୍ରଥମେ ମା' ହିଙ୍ଗୁଳାଙ୍କ ଉଭାସ୍ଥଳୀ ମନ୍ଦିରର ପଶ୍ଚିମ ଦିଗରେ ମନ୍ଦିର ଠାରୁ ପ୍ରାୟ ୫ ଶହ ମିଟର ଦୂରରେ ଥିବା ଗଜରାଜ ଖେଳ ପଡ଼ିଆ ଠାରେ ପହଞ୍ଚି ମା'ଙ୍କ ଆଶିଷ ଭିକ୍ଷା କରିଥିଲେ। ଆଇଏଏସ୍ ଟପ୍ପର ଅନୀମେଶ ପ୍ରଧାନଙ୍କୁ ତାଙ୍କ କୃତିତ୍ୱ ପାଇଁ ସେଠାରେ ସମ୍ବର୍ଦ୍ଧିତ କରିଥିଲେ। ପରେ ମା'ଙ୍କ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ପ୍ରଣବ ପ୍ରକାଶ ଦାସଙ୍କ ସହ ତାଳଚେର ବିଜେଡି ବିଧାୟକ ପ୍ରାର୍ଥୀ ବ୍ରଜକିଶୋର ପ୍ରଧାନ ଏବଂ ଅନ୍ୟାନ୍ୟ ବିଜେଡି କର୍ମକର୍ତ୍ତାମାନେ ଉପସ୍ଥିତ ରହି ମା'ଙ୍କ ଦର୍ଶନ କରିଥିଲେ।

### ■ ବିଜେଡିର ସାଂଗଠନିକ ସଭା ଓ ମିଶ୍ରଣ ପର୍ବ

## ବିଜେପି ଓ କଂଗ୍ରେସ ଛାଡ଼ିଲେ ଶତାଧିକ କାର୍ଯ୍ୟକର୍ତ୍ତା



**ରେଙ୍ଗାଲି, ୨୪।୪(ସମିସ):** କଣିହାଁ ବ୍ଲକ ଶୁଶୁବା ପଞ୍ଚାୟତ ବିଜୁ ଜନତା ଦଳର ସାଙ୍ଗଠନିକ ବୈଠକ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ, ସମ୍ମାନିତ ଅତିଥି ଭାବେ କଣିହାଁ ବ୍ଲକ ବିଜେଡି ସଭାପତି କୈଳାସ ଚନ୍ଦ୍ର ସାହୁ, ୧୦ନଂ. ଜୋନ ଜିଲ୍ଲା ପରିଷଦ ସଦସ୍ୟ ରଶ୍ମିତା ବେହେରା, ଜିଲ୍ଲା ସମ୍ପାଦକ ଝସକେତନ୍ ପ୍ରଧାନ, ସମ୍ପାଦକ ହିମାଞ୍ଚଳ ପଣ୍ଡା, ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ସୁବାସ ମହାନ୍ତି, କଣିହାଁ ବ୍ଲକ ଯୁବ ସଭାପତି ଗଗନ ରାଉତ, ଶୁଶୁବା ପଞ୍ଚାୟତ ସଭାପତି କୃପାସିନ୍ଧୁ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ଶୁଶୁବା ପଞ୍ଚାୟତ ବିଜେଡି ତରଫରୁ ସାଂସଦ ପ୍ରାର୍ଥୀ ଡା. ଅବିନାଶ ସାମଲ ଓ ପାଲଲହଡ଼ା ବିଧାୟକ ପ୍ରାର୍ଥୀ ମୁକେଶ କୁମାର ପାଲଙ୍କୁ ଶଙ୍ଖ ଚିହ୍ନରେ ବିପୁଳ ମାତ୍ରାରେ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ସମସ୍ତ ସକ୍ରିୟ ସଦସ୍ୟ, ବରିଷ୍ଠ ବିଜେଡି କାର୍ଯ୍ୟକର୍ତ୍ତା ଓ କର୍ମୀଙ୍କୁ ନିବେଦନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବିଜେପି ଓ କଂଗ୍ରେସ ଦଳ ଛାଡ଼ି ଶତାଧିକ କାର୍ଯ୍ୟକର୍ତ୍ତା ବିଜେଡିରେ ସାମିଲ ହୋଇଥିଲେ। ଶୁଶୁବା ସରପଞ୍ଚ ମାମାଲି ସାମଲ, ଶିଶିର ସାମଲଙ୍କ ନେତୃତ୍ୱରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ଓ ସ୍ଥାନୀୟ ଯୁବ ବିଧାୟକ ମୁକେଶ କୁମାର ପାଲଙ୍କ କାର୍ଯ୍ୟଶୈଳୀରେ ଅନୁପ୍ରାଣିତ ହୋଇ ବିଜୁ ଜନତା ଦଳରେ ଯୋଗଦେଇଥିବା ସ୍ଥାନୀୟ ସରପଞ୍ଚ ଓ ତାଙ୍କ ସହଯୋଗୀମାନେ ମତବ୍ୟକ୍ତ କରିଥିଲେ।

## କଳିଙ୍ଗ ଡିଏଭି ସ୍କୁଲ ପକ୍ଷରୁ ଅନିମେଶଙ୍କୁ ସମ୍ବର୍ଦ୍ଧନା




**ଅନୁଗୋଳ, ୨୪।୪(ସମିସ):** ଆଇଏଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଓଡ଼ିଶା ଫେରି ତାଳଚେର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ଆଶିଷ ଭିକ୍ଷାକଲେ ତାଳଚେର ମାଟିର ପୁଅ ଅନିମେଶ ପ୍ରଧାନ। ପ୍ରଥମେ ସେ ମା'ଙ୍କ ଉଭସ୍ଥଳୀରେ ପହଞ୍ଚି ମା'ଙ୍କ ପୂଜାର୍ଚ୍ଚନା କରିଥିଲେ। ସେଠାରେ ଅନିମେଶଙ୍କୁ ବିଜୁ ଜନତା ଦଳର ସାଂଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କ ସହ ତାଳଚେର ବିଜେଡି ବିଧାୟକ ପ୍ରାର୍ଥୀ ବ୍ରଜକିଶୋର ପ୍ରଧାନ ସମ୍ବର୍ଦ୍ଧନା ଜଣାଇବା ସହ ସ୍ୱାଗତ କରିଥିଲେ। ପ୍ରଶାସନିକ ସେବା ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ଦ୍ୱିତୀୟ ସ୍ଥାନରେ ରହିଥିବା ଅନିମେଶ ମା' ହିଙ୍ଗୁଳାଙ୍କୁ ଦର୍ଶନ କରି ପହଞ୍ଚିଥିଲେ ନିଜେ ପାଠ ପଢିଥିବା କଳିଙ୍ଗ ଡିଏଭି ସ୍କୁଲରେ। ସେଠାରେ ଛାତ୍ରଛାତ୍ରୀମାନଙ୍କୁ ସଫଳତାର ମନ୍ତ୍ର ଦେବା ସହ ଭାବବିହ୍ୱଳ ହୋଇପଡିଥିଲେ। କଳିଙ୍ଗ ଡିଏଭିରେ ପ୍ରଥମରୁ +୨ ପର୍ଯ୍ୟନ୍ତ ଅଧ୍ୟୟନ କରିଥିଲେ ଅନିମେଶ। ନିଜ ସ୍କୁଲରେ ପହଞ୍ଚିବା ପରେ ସ୍କୁଲ ପକ୍ଷରୁ ତାଙ୍କୁ ବିପୁଳ ସ୍ୱାଗତ ଓ ସମ୍ବର୍ଦ୍ଧନା କରାଯାଇ ପାଛୋଟି ନିଆଯାଇଥିଲା। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀମାନେ ତାଙ୍କୁ ସ୍ୱାଗତ ଜଣାଇଥିଲେ। ଅନିମେଶ ବିଦ୍ୟାଳୟରେ ଥିବା ତାଙ୍କ ସ୍ମୃତି ବିଷୟରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ କହିଥିଲେ ଏବଂ ତାଙ୍କ ସଫଳତା ପଛରେ ରହିଥିବା ସମସ୍ତ ପରିଶ୍ରମ ଓ ସ୍ୱପ୍ନକୁ ସାକାର କରିବା ପାଇଁ ସମସ୍ତ ମାର୍ଗ ବିଷୟରେ ଛାତ୍ରଛାତ୍ରୀଙ୍କୁ ଦେଇଥିଲେ ସଫଳତାର ମନ୍ତ୍ର। ବିଦ୍ୟାଳୟ ଚତୁଃପାର୍ଶ୍ୱରେ ବୁଲି ନିଜ କ୍ଲାସ ରୁମ୍, ଖେଳ ପଡିଆ ଆଦିକୁ ଦେଖି ଛାତ୍ର ଜୀବନରେ ଥିବା ଅଭୁଲା ସ୍ମୃତି ମନେପଡ଼ିବା କଥା କହିଥିଲେ। ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ କଠିନ ପରିଶ୍ରମ କରି ଉଚ୍ଚ ସ୍ଥାନରେ ପହଞ୍ଚିବା ପାଇଁ ପ୍ରେରଣା ଦେଇଥିଲେ। ଏହି ଅବସରରେ ଏମସିଏଲର ଡାଇରେକ୍ଟର ଟେକ୍ନିକାଲ ଓ ସମସ୍ତ ଅଧିକାରୀ ଉପସ୍ଥିତ ରହି ଅନିମେଶଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରଥମ ଥର ପାଇଁ ତାଳଚେର ସହ ସାରା ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଆଣିଥିବା ଅନିମେଶଙ୍କୁ ତାଙ୍କ ସଫଳତା ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ। ଅନିମେଶ ଆଗାମୀ ଦିନରେ ଓଡ଼ିଶା ପାଇଁ ବିଭିନ୍ନ କ୍ଷେତ୍ରରେ ସଫଳତା ଆଣିବା ସହ ତୃଣମୂଳସ୍ତରରେ ଜନସାଧାରଙ୍କ ସେବା କରିବାକୁ ମନ ବଳାଇଥିବା କହିଛନ୍ତି। ଅନିମେଶଙ୍କ ଏହି ସଫଳତା ପରେ ଏବେ ତାଙ୍କୁ ଚାରିଆଡୁ ପ୍ରଶଂସାର ସୁଅ ଛୁଟୁଛି।

## ତାଳଚେର କୋଇଲା ଖଣି ମଜଦୁର ସଂଘର ଗଣଧାରଣା



**ତାଳଚେର ସଦର, ୨୪।୪(ସମିସ):** ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ତାଳଚେର କୋଇଲା ଖଣି ମଜଦୂର ସଂଘ ବିଏମଏସ ପକ୍ଷରୁ ବିଭିନ୍ନ ଦାବିକୁ ନେଇ ଆଜି ଜଗନ୍ନାଥ ଜିଏମ ଅଫିସ୍ କାର୍ଯ୍ୟାଳୟରେ ସକାଳ ୯ଘଟିକା ସମୟରେ ଗଣଧାରଣା ଦେବା ସହ ହାଲାବୋଲ ଆନ୍ଦୋଳନ କରିଥିଲେ ଓ ସିଏମଡିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜଗନ୍ନାଥ ଜିଏମଙ୍କୁ ପ୍ରଦାନ କରିଥିଲେ। ଘଟଣାରୁ ପ୍ରକାଶ, ଶ୍ରମିକମାନଙ୍କର ବିଭିନ୍ନ ଦାବି ମଧ୍ୟରେ ଅତ୍ୟଧିକ ଗ୍ରୀଷ୍ମପ୍ରବାହ ଯୋଗୁଁ ସରକାରଙ୍କ ନିୟମ ଅନୁଯାୟୀ ୧୧ ଘଟିକାରୁ ୩.୩୦ ମିନିଟ୍ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ, ଖଣି ଗୁଡ଼ିକରେ ପର୍ଯ୍ୟାପ୍ତ ଥଣ୍ଡା ପାନୀୟ ଜଳ, ଶ୍ରମିକମାନଙ୍କ ବିଶ୍ରାମ ପାଇଁ ଶୀତତାପ ନିୟନ୍ତ୍ରଣ କୋଠରୀ, ମେଡିକାଲ ସୁବିଧା, ଓଆରଏସ୍ ପ୍ୟାକେଟ୍ ଯୋଗାଇଦେବା ଇତ୍ୟାଦି ରହିଛି। କାର୍ଯ୍ୟରତ ଶ୍ରମିକମାନେ ଅତ୍ୟଧିକ ଗ୍ରୀଷ୍ମପ୍ରବାହ ଓ ଖଣି ଗୁଡ଼ିକରେ କୋଇଲା ପୋଡ଼ି ଜନିତ ଉତାପ ବୃଦ୍ଧି ପାଉଥିବାରୁ ସେମାନେ ଅପରାହ୍ନ ସମୟରେ କାର୍ଯ୍ୟ କରିବା ସମ୍ଭବପର ହେଉନାହିଁ ବୋଲି ଶ୍ରମିକ ନେତାମାନେ ପ୍ରକାଶ କରିଛନ୍ତି। ସେମାନେ ବାରମ୍ବାର ପୂର୍ବରୁ ଆପତି ଅଭିଯୋଗ କରିଥିଲେ ମଧ ତାଙ୍କ କଥାକୁ କେହିହେଲେ ଗୁରୁତ୍ୱ ଦେଉ ନଥଲେ, ତେଣୁ ଆଜି ସେମାନେ ବାଧହୋଇ ସଂଘର ସାଧାରଣ ସମ୍ପାଦକ ବିରେନ୍ ଖିଲାଙ୍କ ନେତୃତ୍ୱରେ ଶତାଧିକ ଖଣି ଶ୍ରମିକ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ।

### ହିଙ୍ଗୁଳା ଲୋକ ମହୋତ୍ସବର ତୃତୀୟ ସଂଧ୍ୟା

## ପାରମ୍ପରିକ ଲୋକନୃତ୍ୟରେ ଝୁମିଲେ ଦର୍ଶକ




**ତାଳଚେର, ୨୪।୪(ସମିସ):** ତାଳଚେରର ଗୋପାଳପ୍ରସାଦସ୍ଥିତ ହିଙ୍ଗୁଳା ପୀଠରେ ଚାଲିଥିବା ମା'ଙ୍କ ଯାତ୍ରାର ତୃତୀୟ ଦିନରେ ପ୍ରବଳ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ସନ୍ଧ୍ୟାରେ ମା' ହିଙ୍ଗୁଳାଙ୍କ ମନ୍ଦିର ଚତୁଃପାର୍ଶ୍ୱରେ ଲଗାଯାଇଥିବା ଅତ୍ୟାଧୁନିକ ଏଲ୍ଇଡି ଲାଇଟ ଶ୍ରଦ୍ଧାଳୁମାନଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥିଲା। ଏହା ସହିତ ୨୦ତମ ଲୋକମହୋତ୍ସବର ତୃତୀୟ ସନ୍ଧ୍ୟାରେ ମା' ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡର ସଦସ୍ୟ ରାଜେନ୍ଦ୍ର କୁମାର ସିଂହ, ଅରୁଣ ପ୍ରଧାନ, ସଞ୍ଜୟ କୁମାର ସାହୁ ଓ ଗଗନ ବିହାରୀ ସାହୁ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି ଅବସରରେ ମଧ୍ୟପ୍ରଦେଶର 'ଲକ୍ଷ୍ୟ ମଣିପୁରୀ' ଗ୍ରୁପର କଳାକାରମାନଙ୍କ ଦ୍ୱାରା ପରିବେଷିତ ଲୋକନୃତ୍ୟ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା। ସେହିପରି କେନ୍ଦ୍ରାପଡ଼ା ନାଟ୍ୟ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ଚିତାକର୍ଷକ ନୃତ୍ୟ ପରିବେଷଣ କରାଯାଇଥିଲା। ଏହାସହିତ ପୁରୀର ମାଲଖମ୍ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ମାଲଖମ୍ବ କଳା ପ୍ରଦର୍ଶନ ଦର୍ଶକମାନଙ୍କୁ ଚମତ୍କୃତ କରି ଦେଇଥିଲା। 'ହାଇପର ଡ୍ୟାନ୍ସ ଏକାଡେମୀ', 'ନୃତ୍ୟ ସାଧନା' ଓ 'ଦି କ୍ଲାପ' ନୃତ୍ୟ ଅନୁଷ୍ଠାନର କଳାକାରମାନେ ଚିତାକର୍ଷକ ନୃତ୍ୟ ପରିବେଷଣ କରି ଦର୍ଶକମାନଙ୍କ ମନ ମୋହିଥିଲେ। କାର୍ଯ୍ୟକ୍ରମକୁ ସଞ୍ଜୀବ ପଟ୍ଟନାୟକ ଓ ଶୋଭନା ମିଶ୍ର ପରିଚାଳନା କରିଥିଲେ। ସମସ୍ତ କଳାକାରଙ୍କୁ ଟ୍ରଷ୍ଟବୋର୍ଡ ପକ୍ଷରୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

### ● ସଶକ୍ତ ହେଉଛି ପାଲଲହଡ଼ା ବିଜେଡି

## ବିଗୁଡୁଛି ଅଙ୍କ; ବିଜେପି ଛାଡ଼ିଲେ ୪୫ କର୍ମୀ



**ପାଲଲହଡ଼ା, ୨୪।୪(ସମିସ):** ପାଲଲହଡ଼ା ନିର୍ବାଚନ ମଣ୍ଡଳୀରେ ବିଜେଡି ନିଜର ବୁଥସ୍ତରୀୟ ଯୋଦ୍ଧାଙ୍କୁ ମଇଦାନକୁ ଓହ୍ଲାଇ ସାରିଛି। ଉଭୟ ବିଜେଡି ଓ ବିଜେପି ଘର ଘର ବୁଲି ପ୍ରଚାର ଆରମ୍ଭ କରିଥିବା ବେଳେ କଂଗ୍ରେସର କର୍ମୀମାନେ କିନ୍ତୁ ସନ୍ଦେହରେ। ବିଜେଡି ପ୍ରାର୍ଥୀ ମୁକେଶ ପାଲ ଘର ଘର ବୁଲି ପ୍ରଚାର କରୁଥିବା ବେଳେ ପଞ୍ଚାୟତର ବୁଥଠାରୁ ଆରମ୍ଭ କରି ଜୋନସ୍ତର ପର୍ଯ୍ୟନ୍ତ କର୍ମୀ ସମ୍ମିଳନୀ କରି ନିର୍ବାଚନ ରଣନୀତି ପ୍ରସ୍ତୁତ କରିଚାଲିଛନ୍ତି। କିଛିଦିନ ପୂର୍ବରୁ ରୋହିଲା ଗ୍ରାମପଞ୍ଚାୟତ ସରପଞ୍ଚ ଦିବ୍ୟଲୋଚନ ନାଏକ ବିଜେପି ଛାଡ଼ି ବିଜେଡିର ବିକାଶ ଧାରାରେ ନିଜ ପଞ୍ଚାୟତକୁ ଆଗେଇ ନେବା ପାଇଁ ବିଧିବଦ୍ଧ ଭାବେ ଯୋଗଦାନ କରିଥିଲେ। ବୁଧବାର ସରପଞ୍ଚ ଦିବ୍ୟଲୋଚନ ନାଏକ ଏବଂ ଶିଶିର ନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୪୫ ଜଣ ବିଜେପି କର୍ମୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବିଧାୟକ ମୁକେଶ ପାଲଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେପି ତ୍ୟାଗକରି ବିଜୁ ଜନତା ଦଳରେ ଯୋଗ ଦେଇଥିଲେ। ଆଗାମୀ ନିର୍ବାଚନରେ ଜନସାଧାରଣଙ୍କୁ ନବୀନ ପଟ୍ଟନାୟକ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସଚେତନ କରି ବିଧାୟକ ପ୍ରାର୍ଥୀ ମୁକେଶ ପାଲ ଏବଂ ସାଂସଦ ପ୍ରାର୍ଥୀ ଡାଃ ଅବିନାଶ ସାମଲଙ୍କୁ ଜିତାଇବାକୁ ସମସ୍ତେ ସଂକଳ୍ପ ନେଇଥିଲେ। ପଞ୍ଚାୟତର ଶତାଧିକା କର୍ମୀ ଏହି ବୈଠକରେ ଯୋଗ ଦେଇଥିଲେ।

## ମା' ହିଙ୍ଗୁଳାଙ୍କ ପୀଠରେ ସ୍ୱଚ୍ଛତା କାର୍ଯ୍ୟକ୍ରମ



**ଗୋପାଳପ୍ରସାଦ, ୨୪।୪(ସମିସ):** ତାଳଚେରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଗୋପବନ୍ଧୁ ମାନବ କଲ୍ୟାଣ ସମିତି' ତା'ର ସେବାକାର୍ଯ୍ୟର ୨୪ବର୍ଷରେ ପଦାର୍ପଣ କରିଛି। ଏହି ଅବସରରେ ଅନୁଷ୍ଠାନର ସଦସ୍ୟମାନେ ପବିତ୍ର ହିଙ୍ଗୁଳା ଯାତ୍ରାରେ ମା'ଙ୍କ ପୀଠର ଚାରିପାଖରେ ପଡ଼ିଥିବା କୁଢ଼ କୁଢ଼ ଆବର୍ଜନା ସଫେଇ କରିଥିଲେ। ବିଭିନ୍ନ ସ୍ଥାନରେ ପଡ଼ିଥିବା କାଗଜ, ପଲଥିନି, ଦୀପଦାନି, ନଡ଼ିଆ ଖୋଳ, ଗ୍ଲାସ୍ ଆଦିକୁ ପରିଷ୍କାର ପରିଚ୍ଛନ୍ନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଗୌରଚନ୍ଦ୍ର ସାହୁ, ସମ୍ପାଦକ ଶୁଭକାନ୍ତ ସ୍ୱାଇଁ, ସରପଞ୍ଚ ଅନିଲ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠାର ସଦସ୍ୟଙ୍କ ଦ୍ୱାରା ସ୍ୱଚ୍ଛତା କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମ ଦେଖି ଅନେକ ଯାତ୍ରୀ ଓ ବୁଦ୍ଧିଜୀବୀ ପ୍ରଶଂସା କରିଛନ୍ତି। ଉତ୍କଳର ଯୁଗଜନ୍ମା ସେବାର ପ୍ରତୀକ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ନାମରେ ନାମିତ ଏହି ସେବା ଅନୁଷ୍ଠାନଟି ତାଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇଛି। କାର୍ଯ୍ୟକ୍ରମରେ ଅନୁଷ୍ଠାନର ୪୦ ଜଣ ସଦସ୍ୟ ସୂଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରିଥିବାରୁ ଜରାଶ୍ରମ୍ ସଂପାଦକ ମଧୁସୂଦନ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## କଂସମୁଣ୍ଡା ଗ୍ରାମରେ ବସନ୍ତ ରାସ ଉତ୍ସବ



**କଣିହାଁ, ୨୪।୪ (ସମିସ):** କଣିହାଁ ବ୍ଲକ କଂସମୁଣ୍ଡା ଗ୍ରାମରେ ଆବାହମାନ କାଳରୁ ପରମ୍ପରାକୁ ନେଇ ଚୈତ୍ର ପୂର୍ଣ୍ଣିମା ତିଥିରେ ବାର୍ଷିକ ଯାତ୍ରା ଉତ୍ସବ ଭାବେ ବସନ୍ତ ରାସ ପୂର୍ଣ୍ଣିମା ପାଳିତ ହୋଇଛି। ମଙ୍ଗଳବାର ପ୍ରଥମ ଦିବସ କାର୍ଯ୍ୟକ୍ରମକୁ ନେଇ ଗ୍ରାମର ଆରଧ ଦେବ ଶ୍ରୀ ଗୋପାଳଜୀଙ୍କ ପୂଜା କର୍ମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ସୁସଜିତ ପଟୁଆର ଶୋଭାଯାତ୍ରାରେ ରଥ ଉପରେ ରାଧାକୃଷ୍ଣଙ୍କୁ ବିମାନରୁ ରଥରେ ବିରାଜମାନ କରାଯାଇ ପାରମ୍ପରିକ ଦେବଦାସୀ ନୃତ୍ୟ, ଘୋଡ଼ାନାଚ, ଘଣ୍ଟବାଦ୍ୟ, ଫୁଲମେଢ଼, ବାଉଁସ ଦୀପ, କଣ୍ଢେଇନାଚ, ଲଉଡ଼ି ଖେଳ ସହିତ ଡିଜେ ବାଜାବାଣରେ ଠାକୁରଙ୍କୁ ଗ୍ରାମ ପରିକ୍ରମା କରାଯାଇ ଯାତ୍ରା ପଡ଼ିଆ ମଣ୍ଡପକୁ ଅଣାଯାଇଥିଲା। ବହୁ ସଂଖ୍ୟାରେ ଜନସମାଗମକୁ ନେଇ କଂସମୁଣ୍ଡା ଗ୍ରାମ ଲୋକାରଣ୍ୟ ହୋଇପଡ଼ିଥିଲା। ଘରେ ଘରେ ବନ୍ଧୁବାନ୍ଧବ ସାଙ୍ଗ ସାଥୀଙ୍କ ଆସର ଜମିଥିଲା। ରାତ୍ରୀରେ ମନୋରଞ୍ଜନ ନିମନ୍ତେ ଏକ ପ୍ରତିଷ୍ଠିତ ଯାତ୍ରାପାର୍ଟି ଦ୍ୱାରା ନାଟକ ପରିବେଷଣ ହୋଇଥିଲା। ଏହି ଅବସରରେ ବହୁ ମାନ୍ୟଗଣ ନିମନ୍ତ୍ରୀତ ଜନପ୍ରତିନିଧିଙ୍କ ସହିତ ବିଧାୟକ ଓ ସାଂସଦ ପ୍ରାର୍ଥୀ ଅଂଶଗ୍ରହଣ କରି ଶୁଭେଚ୍ଛା ଜଣାଇଥିଲେ। ବୁଧବାର ପୂର୍ବାହ୍ନରେ ନାମ ସଂଙ୍କୀର୍ତ୍ତନକୁ ନେଇ ପଡ଼ିଶା ଅଞ୍ଚଳର ୧୨ ରୁ ଅଧିକ ଓଡ଼ିଶୀ ସଂଙ୍କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ହରିନାମ ପରିବେଷଣ କରିଥିଲେ। ବହୁ ଉଠା ଦୋକାନୀ ବ୍ୟବସାୟ ପାଇଁ ପସରା ମେଲାଇଥିବା ବେଳେ କିଣାବିକା କାରବାରରେ ଭିଡ଼ ଜମିଥିଲା। ଶାନ୍ତିଶୃଙ୍ଖଳା ଦାୟିତ୍ୱରେ ପୋଲିସ ଫୋର୍ସ ନିୟୋଜିତ ହେବା ସହିତ ଗ୍ରାମବାସୀଙ୍କ ତରଫରୁ ସହଯୋଗ କରାଯାଇଥିଲା। ତିନି ଦିନ ପାଇଁ ଯାତ୍ରା ପାର୍ଟି ଆସିଥିବା ବେଳେ ବୁଧବାର ରାତିରେ ନାଟକ ଦେଖିବାକୁ ଦର୍ଶକଙ୍କ ଭିଡ଼ ଜମିଛି। ଗୁରୁବାର ରାତ୍ରିରେ ଉତ୍ସବ ସମାପନ ସହିତ ନାଟକ ମଞ୍ଚସ୍ଥ ହେବାର କାର୍ଯ୍ୟକ୍ରମ ରହିଛି।

# ବିଜେଡିରେ ମିଶିଲେ ସହିରାର ପୂର୍ବତନ ସରପଞ୍ଚଙ୍କ ସମେତ ୨୫୦ ପରିବାର



**ଆଳି,୨୪।୪(ସମିସ):** କେନ୍ଦ୍ରାପଡା ଜିଲ୍ଲା ଆଳି ବିଧାନସଭା ନିର୍ବାଚନମଣ୍ଡଳୀରେ ଏକ ବିରାଟ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଆଳି ରାଜବାଟି ପରିସରରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ଆଳି ବ୍ଲକ ସହିରା ପଞ୍ଚାୟତର ସହିରା, ଅଙ୍ଗାରଖି,ଦହିଅଣ୍ଟା

**ଆଳି ନିର୍ବାଚନମଣ୍ଡଳୀ**

ଓ ସୋରିସଦା ଗ୍ରାମର ୨୫୦ ପରିବାର ପୂର୍ବତନ ସରପଞ୍ଚ ନଳିନୀ ପାତ୍ରଙ୍କ ନେତୃତ୍ୱରେ କଂଗ୍ରେସ ଦଳ ପରିତ୍ୟାଗ କରି ବିଜେଡିରେ ସାମିଲ ହୋଇଥିଲେ। ସେମାନଙ୍କୁ ଆଳି ବିଧାନସଭା ବିଜେଡି ପ୍ରାର୍ଥୀ ତଥା ମନ୍ତ୍ରୀ ପ୍ରତାପ କେଶରୀ ଦେବ ପୁଷ୍ପ ମାଲ୍ୟ ଓ ଉତ୍ତରୀୟ ଦେଇ ସ୍ୱାଗତ କରିବା ସହ ବିଜେଡି ରେ ସାମିଲ କରିଥିଲେ। ଏହି ଅବସରରେ ସଂଗଠକ ନଳିନୀ ପାତ୍ର ବିକାଶ ପୁରୁଷ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ ଓ ଆଳି ର ସର୍ବମାନ୍ୟ ନେତା ପ୍ରତାପ ଦେବଙ୍କ ନିଷ୍ପଳଙ୍କ ନେତୃତ୍ୱରେ ପ୍ରଭାବିତ ହୋଇ ସେମାନେ ପଞ୍ଚାୟତର ବିକାଶ ପାଇଁ ବିଜେଡିରେ ସାମିଲ ହେଲେ ବୋଲି ତାଙ୍କ ପ୍ରତିକ୍ରିୟାରେ କହିଥିଲେ। ଏହାର ଉତ୍ତରରେ ମନ୍ତ୍ରୀ ଶ୍ରୀଦେବ କହିଥିଲେ ସହିରା ପଞ୍ଚାୟତର ସର୍ବାଙ୍ଗୀନ ବିକାଶ ପାଇଁ କୃଷି ଓ ଗମନାଗମନ କ୍ଷେତ୍ରରେ ବହୁବିଧ ପଦକ୍ଷେପ ନିଆ ଯାଇଛି। ସମସ୍ତେ ସେଥିରେ ସାମିଲ ହେଲେ ବିକାଶ ତ୍ୱରାନ୍ୱିତ ହେବ। ଏହି ମିଶ୍ରଣ ପର୍ବରେ ବରିଷ୍ଠ କର୍ମୀ ପଞ୍ଚାନନ ଜେନା,ଗୋପୀନାଥ ଦାଶ,ଦିଲ୍ଲୀପ ଜେନା, କାଶୀନାଥ ପାତ୍ର, କାଳନ୍ଦୀ ପାତ୍ର,ଦୀନବନ୍ଧୁ ସାହୁ,ରମେଶ ଜେନା,ଗୌରାଙ୍ଗ ସାହୁ,ବିଶ୍ୱନାଥ ସେଠୀ,ଶାନ୍ତି ସାମଲ, ଆଲୋକ ପଢ଼ିହାରୀ,ଅମର ପଢ଼ିହାରୀ,କାହ୍ନୁ ପଡିହାରୀ,ବିଶ୍ୱଜିତ ପରିଡ଼ା,ସଂଗ୍ରାମ ମଲିକ, ବିପିନ ଜେନା,ପାପନ ବାରିକ,ରିଙ୍କୁ ପଡିହାରୀ,ପୀୟୂଷ ପଡିହାରୀ ପ୍ରମୁଖ ୨୫୦ ପରିବାର ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟ ଭୀଷ୍ମ ମହାନ୍ତି,ବ୍ଲକ ଅଧକ୍ଷ ମନୋରଞ୍ଜନ ସାମଲ,ବ୍ଲକ ବିଜେଡି ସଭାପତି ସନାତନ ମିଶ୍ର ଓ ବରିଷ୍ଠ ନେତା ଦିବାକର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

● ପାଖଡ଼ ପଞ୍ଚାୟତରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

## ଅରବିନ୍ଦଙ୍କୁ ମିଳିଲା ବିପୁଳ ସମର୍ଥନ



**ଗରଦପୁର,୨୪।୪(ସମିସ):** ନିର୍ବାଚନ ଯେତିକି ପାଖେଇ ଆସୁଛି ରାଜନୀତି ସେତିକି ସରଗରମ ହେଉଛି ପାଟକୁରା ନିର୍ବାଚନ ମଣ୍ଡଳୀରେ। ପାଟକୁରା ନିର୍ବାଚନ ମଣ୍ଡଳୀର ଗରଦପୁର ବ୍ଲକ ଅନ୍ତର୍ଗତ ପାଖଡ ଗ୍ରାମ ପଞ୍ଚାୟତର ୮ ଟି ୱାର୍ଡରେ ଘର ଘର ଶଙ୍ଖ କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ଅରବିନ୍ଦ ମହାପାତ୍ର ଯୋଗଦାନ କରି ବିଧାୟକ ପ୍ରାର୍ଥୀ ଭାବେ ନିଜ ପାଇଁ, ଏବଂ ସାଂସଦ ପ୍ରାର୍ଥୀ ଭାବେ ଅଂଶୁମାନ ମହାନ୍ତିଙ୍କ ପାଇଁ ସମର୍ଥନ ଭିକ୍ଷା କରିଥିଲେ। ପାଖଡ ପଞ୍ଚାୟତ ହେଉଛି ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ଗଡ କହିଲେ ଅତ୍ୟୁକ୍ତି ହେବ ନାହିଁ। ଘର ଘର ଶଙ୍ଖ କାର୍ଯ୍ୟକ୍ରମରେ ବିଜୟ ନନ୍ଦନ ଅରବିନ୍ଦ ଯୋଗ ଦେବା ସମୟରେ ବହୁ ସମର୍ଥକ ଓ କର୍ମୀମାନେ ଅକୁଣ୍ଠ ଭଲପାଇବା ଏବଂ ସମର୍ଥନ ଦେଇ ପଞ୍ଚାୟତର ସମସ୍ତ ଘର ବୁଲିବା ସହ ସଭିଙ୍କ ଅସୁବିଧା ପଚାରି ବୁଝିବା ଓ ଆଗାମୀ ଦିନରେ ପଞ୍ଚାୟତର ଏବଂ ପାଟକୁରାବାସୀଙ୍କ ସମସ୍ତ ଅସୁବିଧାକୁ ସୁବିଧାରେ ପରିଣତ କରିବେ ବୋଲି ପ୍ରତିଶୃତି ଦେଇଥଲେ। ଆହୁରି ମଧ ବହୁ ବିରଳ ଦୃଶ୍ୟ ଦେଖିବାକୁ ମିଳିଥିଲା। ବହୁ ବରିଷ୍ଠ ବ୍ୟକ୍ତି ବିଜେଡି ବିଧାୟକ ପ୍ରାର୍ଥୀ ଅରବିନ୍ଦ ମହାପାତ୍ରଙ୍କୁ ବିଜୟୀ ହେବା ପାଇଁ ଆଶ୍ରୀର୍ବାଦ କରିଛନ୍ତି।

## ସାନଜରିଆରେ ବିଜେଡି ମିଶ୍ରଣ ପର୍ବ



**ପଟ୍ଟାମୁଣ୍ଡାଇ,୨୪।୪(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ସାନଜରିଆ ପଞ୍ଚାୟତରେ ଆଗାମୀ ସାଧାରଣ ନିର୍ବାଚନରେ ରେକର୍ଡ ବିଜୟ ପାଇଁ କ୍ଷେତ୍ର ପ୍ରସ୍ତୁତ କରିଛି ବିଜେଡି । ଉଭୟ ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କ ବୃହତ ବିଜୟ ବ୍ୟବଧାନ ପାଇଁ ଦଳ ପକ୍ଷରୁ ବୋଧଗାଁ ପଡିଆରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି ।ବ୍ଲକ ବିଜେଡି ସଭାପତି କିଶୋର ସାହୁଙ୍କ ପୌରହିତ୍ୟରେ ଆୟୋଜିତ ମିଶ୍ରଣ ସମାବେଶରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିଭିନ୍ନ ବର୍ଗ ସମେତ ଆଞ୍ଚଳିକ ବିକାଶ ବିଜେଡିର ଏକମାତ୍ର ପରିଚୟ ହୋଇଥିବାରୁ ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନରେ ଡବଲ ଶଙ୍ଖରେ ଭୋଟ ଦେଇ କେନ୍ଦ୍ରାପଡ଼ା ଲୋକସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ରାଜନଗର ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁଙ୍କୁ ରେକର୍ଡ ବ୍ୟବଧାନରେ ବିଜୟୀ କରିବାକୁ ନିବେଦନ କରିଥିଲେ ।୧୭ନଂ ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ,ବରିଷ୍ଠ ନେତା ପୂର୍ବତନ ସରପଞ୍ଚ ଯଦୁମଣି ଦାସ,୧୬ନଂ ଜିଲ୍ଲା ପରିଷଦ ପ୍ରତିନିଧି ଙ୍କ ସ୍ୱପ୍ନ ରଞ୍ଜନ ବେହେରା,ସମିତି ସଭ୍ୟ ସୁବାଷ ବାରିକ,ବ୍ଲକ ବିଜେଡି ଉପ ସଭାପତି ଅରକ୍ଷିତ ସାହୁ, ସାନଜରିଆ ପଞ୍ଚାୟତ ବିଜେଡି ସଭାପତି ଅଜାମ୍ବର ପ୍ରଧାନ, ଯୁବନେତା ଦିଲ୍ଲୀପ ଜେନା, ନିମାଇ କର, ନେତା ବିରଞ୍ଚି ଦାଶ, ମାଗୁଣି ଲେଙ୍କା, ଯୁବନେତା ଗଗନ ଦାସ, ପୂର୍ବତନ ସରପଞ୍ଚ ସର୍ବଶ୍ରୀ ଭୀମସେନ ମଲିକ, ଗଗନ ପ୍ରସାଦ ବାରିକ, ଚୌଧୁରୀ ସତ୍ୟବ୍ରତ ମଦନରାୟ ପ୍ରମୁଖ ଭାଷଣ ଦେଇ ଉଭୟ ଲୋକସଭା ଓ ବିଧାନସଭା ବିଜେଡି ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ଜୟଯୁକ୍ତ କରି ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ହାତମୁଠାକୁ ଟାଣ କରିବାକୁ ନିବେଦନ କରିଥିଲେ ।ଶେଷରେ ଗଗନ ପ୍ରସାଦ ଦାସ ଧନ୍ୟବାଦ ଦେଇଥିଲେ। ଏଥିରେ କଂଗ୍ରେସ ସମେତ ବିଭିନ୍ନ ଦଳର ନେତା ଓ କର୍ମୀଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରାଯାଇ ବିଜେଡିରେ ସାମିଲ କରାଯାଇଥିଲା।

## ଅଗ୍ନିକାଣ୍ଡ ପୀଡ଼ିତଙ୍କୁ ଭେଟିଲେ ଅଂଶୁମାନ, ଅତନୁ





**ମହାକାଳପଡ଼ା,୨୪।୪(ସମିସ):** ମହାକାଳପଡ଼ା ବ୍ଲକ ପାଟଳିପଙ୍କ ଗ୍ରାମର ଅଗ୍ନିକାଣ୍ଡ ପୀଡିତ ଜୟରାମ ସାହୁଙ୍କ ପରିବାରକୁ ଭେଟି ସମବେଦନା ଜଣାଇଲେ ବିଜେଡି ପ୍ରାର୍ଥୀ ଅଂଶୁମାନ ମହାନ୍ତି ଏବଂ ଅତନୁ ସବ୍ୟସାଚୀ ନାୟକ । ମଙ୍ଗଳବାର ସଂଧ୍ୟା ସମୟରେ ଅଗ୍ନିକାଣ୍ଡ ଘଟି ଜୟରାମଙ୍କ ଚାରି ବଖରା ଘର ପୋଡ଼ିଯାଇଥିଲା ।ଖବର ପାଇ ବିଳମ୍ବିତ ରାତିରେ ଖାଦ୍ୟ, ଯୋଗାଣ, ଖାଉଟି କଲ୍ୟା. ସମବାୟ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ତଥା ମହାକାଳପଡ଼ା ବିଧାନସଭା ଆସନର ବିଜେଡି ବିଧାୟକ ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକ ପାଟଳିପଙ୍କ ଯାଇ ତାଙ୍କ ପରିବାରକୁ ଭେଟିଥିଲେ ।ବୁଧବାର ଅପରାହ୍ନରେ ବିଜେଡି ଲୋକସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତି ପୀଡିତ ପରିବାରକୁ ଭେଟି ସାନ୍ତ୍ୱନା ଦେଇଛନ୍ତି । ପାଟଳିପଙ୍କ ସରପଞ୍ଚ ରଶ୍ମି ଦାସ, ଖୁରୁଷିଆ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ରାଉତରାୟ, ଗଡ଼ରୋମିତ ସରପଞ୍ଚ ପ୍ରିୟଙ୍କା ସାମଲ, ଟିକରପଙ୍ଗା ସରପଞ୍ଚ ଜ୍ୟୋତିରଞ୍ଜନ ଖଟୁଆ, ଛାତ୍ର ବିଜେଡି ନେତା ହେମନ୍ତ କୁମାର ସାହୁ, ଯୁବ ନେତା ରାକେଶ ମହନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

■ 'ସକାଳ'ର ପ୍ରଭାବ

## ନିମ୍ନମାନର କେନ୍ଦ୍ରାପଡ଼ା କେନାଲ ବନ୍ଧ ରାସ୍ତା କାର୍ଯ୍ୟର ତଦାରଖ କଲେ ଅଧିକାରୀ

**ଡେରାବିଶ, ୨୪।୪ (ସମିସ):** ଡେରାବିଶ ବ୍ଲକ ଅନ୍ତର୍ଗତ କେନ୍ଦ୍ରାପଡ଼ା କେନାଲର ବାମପାଶ୍ୱର୍ ବନ୍ଧ ରାସ୍ତାର ପାର୍ବତୀପୁର ଠାରୁ ଦାନପୁର ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ତେବେ ଏହି ରାସ୍ତାଟି କେନ୍ଦ୍ରାପଡ଼ା ଜଳସେଚନ ବିଭାଗ ଅଧିନରେ ରହିଥିବା ବେଳେ କେଉଁ ବିଭାଗ ପକ୍ଷରୁ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ହେଉଛି ତାହା ଜଣାପଡୁନାହିଁ। ଏହାର ଆରମ୍ଭ କିମ୍ବା ଶେଷ ମୁଣ୍ଡରେ ରାସ୍ତା ନିର୍ମାଣ ସମ୍ପର୍କୀତ କୌଣସି ସୂଚନା ଫଳକ ନଥିବାରୁ ଏହି କାର୍ଯ୍ୟର ଲମ୍ବ, ପ୍ରସ୍ଥ ଓ ଉଚ୍ଚତା ସହିତ କେଉଁ ସାମଗ୍ରୀରେ ଏହା ନିର୍ମାଣ କରାଯିବ ଏବଂ ଏହି କାର୍ଯ୍ୟ କେଉଁ ବିଭାଗର କେଉଁ ଠିକାଦାର କରୁଅଛି ବୋଲି ତାହା ଜଣାପଡୁନାହିଁ। କିନ୍ତୁ ଏହି ନିର୍ମାଣଧୀନ କାର୍ଯ୍ୟର ମାନ ଖୁବ୍ ନିମ୍ନମାନର ହେଉଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଆଜି 'ସକାଳ'ରେ ଖବର ବାହାରିବା ପରେ ଜଳସେଚନ ବିଭାଗର ଉଚ୍ଚସ୍ତରୀୟ ଅଧିକାରୀମାନେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ଆଜି ଘଟଣା ସ୍ଥଳରେ ଏ ସି ଇଂ ଉମେଶ ଚନ୍ଦ୍ର ସେଠୀ ଓ କେନ୍ଦ୍ରାପଡ଼ା ଜଳ ସମ୍ପଦ ବିଭାଗର ପୁରଂଶ ସେକ୍ସନର ଆସିଷ୍ଟାଣ୍ଟ ଇଞ୍ଜିନିୟର ପାଣିଗ୍ରାହୀ ପହଞ୍ଚି ରାସ୍ତାରେ ବ୍ୟବହାର ହୋଇଥିବା ସାମଗ୍ରୀକୁ ଦେଖିଥିଲେ ଏବଂ ତୁରନ୍ତ କ୍ୱାଲିଟି କଣ୍ଟ୍ରୋଲ ବିଭାଗ ପକ୍ଷରୁ ଏହାର ମାନ ପରୀକ୍ଷା କରାଯିବା ବୋଲି ପ୍ରକାଶ କରିଥିଲେ। ଆହୁରି ମଧ୍ୟଏହି ରାସ୍ତାର ମାନ ନିମ୍ନମାନର କାର୍ଯ୍ୟ ହେଉଥିବା ନେଇ ଅଧିକାରୀମାନେ ଅସନ୍ତୋଷ ପ୍ରକାଶ କରିଥିବା ଜଣାଯାଇଛି। ସୂଚନା ଯୋଗ୍ୟ ଠିକାଦାର ଜଣକ ରାସ୍ତାର ମୋଟାଇ ଡିଜାଇନ୍ ଅନୁଯାୟୀ ନକରି କମ୍ ମୋଟାଇ ଓ ନିମ୍ନମାନର ସାମଗ୍ରୀ ବ୍ୟବହା କରୁଥିବା ଅଭିଯୋଗ ହୋଇ ଅସୁଛି।

## ଅରଡ଼ପଲ୍ଲୀରେ ଅଗ୍ନିଷ୍ଟୋମ ମହାଯଜ୍ଞ

**ପଟ୍ଟାମୁଣ୍ଡାଇ, ୨୪।୪(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅରଡ଼ପଲ୍ଲୀ ପଞ୍ଚାୟତ ହାଟକୁଳ ପଡିଆରେ ୫ଦିନ ବ୍ୟାପି ଅଗ୍ନି ଷ୍ଟୋମ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି ଓ ବହୁ ବିଦ୍ୱାନ ବେଦଜ୍ଞ ପଣ୍ଡିତଙ୍କ ଦ୍ୱାରା ଯଜ୍ଞର ଯଥାବିଧି ସମ୍ପନ୍ନ କରାଯାଇଥିଲା ।ଏହି ଅବସରରେ ନାମ ସଙ୍କୀର୍ତ୍ତନ ଘୋଡା ନାଚ, ଭଜନ ସମାରୋହ, ନୃତ୍ୟ ଗୀତ ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ମହାର୍ଘ୍ୟ କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ଓ ପ୍ରତ୍ୟହ ହଜାର ହଜାର ଶ୍ରଦ୍ଧାଳୁ ଯୋଗ ଦେଇ ଭଗବାନଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଗତକାଲି ଯଜ୍ଞର ପୂର୍ଣ୍ଣାହୂତିରେ ଅରଡ଼ପଲ୍ଲୀ ସମେତ ଆଖ ପାଖ ଅଞ୍ଚଳର ୧୦ ହଜାରରୁ ଉଦ୍ଧ୍ୱର୍ ଜନସମାଗମ ହୋଇଥିଲା ।ଏହି କାର୍ଯ୍ୟକ୍ରମକୁ ଅରଡ଼ପଲ୍ଲୀ ଗ୍ରାମବାସୀ ପରିଚାଳନା କରିଥିଲେ।

## ବକ୍ତାରପୁରରେ ଭାଗବତ ପାରାୟଣ

**ପଟ୍ଟାମୁଣ୍ଡାଇ,୨୪।୪(ସମିସ):** ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ୧୨ନଂ ୱାର୍ଡ ବକ୍ତାରପୁର ଗ୍ରାମରେ ୨୯ତମ ଶ୍ରୀମଦ ଭାଗବତ ପାରାୟଣ କାର୍ଯ୍ୟକ୍ରମ ସାତଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ବେଦଜ୍ଞ ପଣ୍ଡିତମଣ୍ଡଳୀ ଦ୍ୱାରା ଶୁଭାଧୀବାସ, ବଳିଦାନ,ନିଶି ପ୍ରହରୀ ଅଧିବାସ ଓ ନାମଯଜ୍ଞ, ପୁରଶ୍ଚରଣ ନଗର କୀର୍ତ୍ତନ ଆଦି ଯଥାବିଧି ସମ୍ପନ୍ନ କରାଯାଇଛି ।ପ୍ରତ୍ୟହ ସନ୍ଧ୍ୟାରେ ପ୍ରବଚନ,ଭଜନ ଜଣାଣ ସହ ଆଧ୍ୟାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା ।ଏହି ମହାର୍ଘ୍ୟ କାର୍ଯ୍ୟକ୍ରମରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ, କାଉନସିଲର ଝରଣା ବେହେରା, ପୂର୍ବତନ କାଉନସିଲର ଜୟକୃଷ୍ଣ ରାଉତ ଓ ତ୍ରିଲୋଚନ ସାହୁ, ନଗର ବିଜେଡି ଉପସଭାପତି ଦିଗାମ୍ବର ମିଶ୍ର ଓ ଯୁବନେତା ଲୋକନାଥ ପାତ୍ର ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ପ୍ରତ୍ୟହ ଶହ ଶହ ଶ୍ରଦ୍ଧାଳୁ ଯୋଗ ଦେଇ ଇଶ୍ୱରଙ୍କ ଆଶୀର୍ବାଦ ଭିକ୍ଷା କରିବା ସହିତ ପ୍ରସାଦ ସେବନ କରିଥିଲେ । ଏହି କାର୍ଯ୍ୟକ୍ରମକୁ କୁଳମଣି ସାହୁ, ଶଶାଙ୍କ ପଣ୍ଡା,ବୁଲୁ ବେହେରା, ଲୋକନାଥ ପାତ୍ର ଓ ସୋମନାଥ ବେହେରାଙ୍କ ସମେତ ସମସ୍ତ ଗ୍ରାମବାସୀ ପରିଚାଳନା କରିଥିଲେ।

## ଆରମ୍ଭ ହେଲା ଅଚଳ ନଳକୂପର ମରାମତି



**ମହାକାଳପଡ଼ା,୨୪।୪(ସମିସ):** ବିପର୍ଯ୍ୟସ୍ତ ଭାବେ ବ୍ୟବହୃତ ହେଉଥିବା ନଳକୂପର ମରାମତି କାର୍ଯ୍ୟ ଆରମ୍ଭ ହୋଇଛି ।ନଳକୂପ ଚଟାଣ ସହିତ ନୂଆ ସରଞ୍ଜାମ ଓ ଜଳ ନିଷ୍କାସନ ବ୍ୟବସ୍ଥା କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ଯାଉଛି । ଯାହାଫଳରେ ଲୋକେ ଭୋଗୁଥିବା ସମସ୍ୟା ଦୂର ହେବ। କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଦେଉଳପଡା ପଞ୍ଚାୟତ ଓଳିହା ଗ୍ରାମର ଅଙ୍ଗନବାଡ଼ି କେନ୍ଦ୍ର ସାମ୍ନାରେ ଥିବା ନଳକୂପ ବିପର୍ଯ୍ୟସ୍ତ ଅବସ୍ଥାରେ ପଡି ରହିଥିଲା । ଜଳ ନିଷ୍କାସନ ବ୍ୟବସ୍ଥା ନଥିବା ଯୋଗୁଁ ନଳକୂପ ଚାରିପଟେ ଜମି ରହୁଥିଲା ନର୍ଦ୍ଦମା ପାଣି। ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେବା ସହିତ ପ୍ରତିକୂଳ ପରିସ୍ଥିତିରେ ଲୋକମାନେ ପାନୀୟ ଜଳ ସଂଗ୍ରହ କରୁଥିଲେ। ପାଖରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରରେ ମଧ୍ୟ ଏହି ଜଳ ରୋଷେଇ କାର୍ଯ୍ୟ ପାଇଁ ବ୍ୟବହାର କରାଯାଉଥିଲା। ପଞ୍ଚାୟତ କାର୍ଯ୍ୟାଳୟ ତରଫରୁ କୌଣସି ତତ୍ପରତା ପ୍ରକାଶ ପାଇନଥିଲା। ସମସ୍ୟାର ସମାଧାନ ପାଇଁ ଅଞ୍ଚଳର ଯୁବ ସମାଜସେବୀ ତଥା କେନ୍ଦ୍ରାପଡ଼ାର ଟ୍ୟୁଟର ବୟ ପ୍ରଭାତ ରଞ୍ଜନ ଜେନା ଏନେଇ ବିଭାଗୀୟ କାର୍ଯ୍ୟାଳୟକୁ ଟ୍ୱିଟ କରି ଅଭିଯୋଗ ଜଣାଇଥିଲେ ।ଅନୁରୂପ ଭାବରେ ଉକ୍ତ ସମସ୍ୟା ସମ୍ବଳିତ ଖବର ଦୈନିକ ଖବରକାଗଜ "ସକାଳ"ରେ ପ୍ରକାଶିତ ହୋଇଥିଲା । ଖବର ପ୍ରସାରଣ ଓ ପ୍ରଭାତଙ୍କ ଅଭିଯୋଗ ପରେ କେନ୍ଦ୍ରାପଡା ଜିଲ୍ଲାପାଳ ମଧ୍ୟ ଯଥାଶୀଘ୍ର ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଯାହାଫଳରେ ଉକ୍ତ ନଳକୂପର ମରାମତି କାର୍ଯ୍ୟ ପାଇଁ ବିଭାଗୀୟ ତତ୍ପରତା ପ୍ରକାଶ ପାଇ ନଳକୂପର ଆବଶ୍ୟକୀୟ ନୂତନ ସରଞ୍ଜାମ ସହିତ ଜଳ ନିଷ୍କାସନ ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ଯେଉଁ ନଳକୂପ ବିପର୍ଯ୍ୟସ୍ତ ଅବସ୍ଥାରେ ପଡ଼ିରହିଥିଲା ତାହାର ମରାମତି କାର୍ଯ୍ୟ ହୋଇପାରିଛି ବୋଲି ଓଳିହା ଗ୍ରାମବାସୀ ପ୍ରଭାତ ଓ ଦୈନିକ ଖବରକାଗଜ "ସକାଳ"କୁ ଧନ୍ୟବାଦ ଜଣାଇଛନ୍ତି।

**ସଫଳ ହେଲା 'ସକାଳ'ର ଉଦ୍ୟମ**

■ ଚୋର ଘର ସବୁଦିନ ଅନ୍ଧାର ରୁହେନା

## ଲାଞ୍ଚ ନେବାର ୧୪ ବର୍ଷ ପରେ ୨ ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ



**ଡେରାବିଶ,୨୪।୪(ସମିସ):** ଜଣେ ସରକାରୀ ଚାକିରି କରିଥିବା ବ୍ୟକ୍ତି ଇନ୍ଦିରା ଆବାସ ଯୋଜନାର ହିତାଧିକାରୀଙ୍କ ଠାରୁ ବିଲ କରାଇ ଦେବା ପାଇଁ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ୨୦୧୦ ମସିହାରେ ଧରାପଡ଼ିଥିଲେ। ସେବେଠାରୁ ତାଙ୍କ ବିରୋଧରେ ଭିଜିଲାନ୍ସ ଅଦାଲତରେ ମାମଲା ଚାଲିଥିଲା। ସରକାରୀ ବାବୁ ଜଣକ ୨୦୧୦ ମସିହାରେ ଲାଞ୍ଚ ନେଇ ଧରାପଡ଼ିଥିବା ଘଟଣାରେ ଆଜି କଟକ ଭିଜିଲାନ୍ସ କୋର୍ଟ ପକ୍ଷରୁ ୨ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ଦେବା ପାଇଁ ନିର୍ଦ୍ଦେଶ ଆସିଛି। ଜରିମାନା ଅନାଦେୟ ଘଟଣାରେ ବାବୁ ଜଣଙ୍କୁ ଆହୁରି ୬ ମାସ ସଶ୍ରମ କାରାଦଣ୍ଡ ଦେବା ପାଇଁ ନିର୍ଦ୍ଦେଶ ରହିଛି। ସୂଚନାରୁ ପ୍ରକାଶ ୨୦୧୦ ମସିହାରେ ଡେରାବିଶ ବ୍ଲକରେ କ୍ଲର୍କ କମ୍ ଡିଲିଙ୍ଗ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ କରୁଥିବା ମାଧବ ଚନ୍ଦ୍ର ଆଚାର୍ଯ୍ୟ ନାମକ ଜଣେ ବ୍ୟକ୍ତି ଜଣେ ଇନ୍ଦିରା ଆବାସ ହିତାଧିକାରୀଙ୍କ ପ୍ରଥମ କିସ୍ତି ଯୋଗାଇ ଦେବା ପାଇଁ କାର୍ଯ୍ୟାଳୟକୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ବାରମ୍ବାର ଦଉଡ଼ାଇଥିଲେ ଓ ଲାଞ୍ଚ ଦାବି କରିଥିଲେ। ଫଳରେ ସମ୍ପୃକ୍ତ ହିତାଧିକାରୀ ଜଣକ ଏ ସମ୍ପର୍କରେ କଟକ ଭିଜିଲାନ୍ସ ଟିମ୍‌ର ଆଶ୍ରୟ ନେଇଥିଲେ। ଏଥିପାଇଁ ଭିଜିଲାନ୍ସ ଟିମ୍ ସଜାଗ ହୋଇ ରହିଥିବା ବେଳେ ସମ୍ପୃକ୍ତ ବ୍ୟକ୍ତି ଜଣକ ମାଧବଙ୍କୁ ଲାଞ୍ଚ ରାଶି ପ୍ରଦାନ କରୁଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲା। ସେବେଠାରୁ ଭିଜିଲାନ୍ସ କୋର୍ଟରେ ମାଧବଙ୍କ ନାମରେ ମାମଲା ଚାଲିଥିଲା। ଇତିମଧ୍ୟରେ ମାଧବ ଆଳି ବ୍ଲକ ଓ ପରେ ମହାକାଳପଡ଼ା ତହସିଲର ସିନିୟର କ୍ଲର୍କ ଭାବେ କାର୍ଯ୍ୟକରୁଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠୁଛି ଜଣେ ଲାଞ୍ଚୁଆ କନିଷ୍ଠ କିରାଣୀଙ୍କୁ ବରିଷ୍ଠ କିରାଣୀ କରାଗଲା ଓ ସେଥିରେ କେଉଁ ଅଧିକାରୀମାନଙ୍କ ସୁପାରିଶରେ ସେ ବରିଷ୍ଠ କିରାଣୀ ହେଲେ ତାହା ତଦନ୍ତ ସାପେକ୍ଷ। ଏହି ଘଟଣାରେ ସେତେବେଳେ କଟକ ଭିଜିଲାନ୍ସ ବିଭାଗର ଇନିସ୍‌ପେକ୍ଟର ଜ୍ଞାନ ରଞ୍ଜନ ମିଶ୍ର ତଦନ୍ତକାରୀ ଅଧିକାରୀ ଭାବେ ରହିଥିଲେ। ଏହି ଘଟଣାରେ କଟକ ଭିଜିଲାନ୍ସ ବିଭାଗର ଓକିଲ ଭାବେ ସର୍ବେଶ୍ୱର ବାରିକ ଓ ଦିପକ କୁମାର ସ୍ୱାଇଁ ମାମଲା ପରିଚାଳନା କରିଥିଲେ।

**ସଖିବଟ ମହାଯଜ୍ଞ ଉଦ୍‌ଯାପିତ**

## ପୂର୍ଣ୍ଣାହୁତିରେ ଯୋଗଦେଲେ ଦଶ ହଜାର ଶ୍ରଦ୍ଧାଳୁ



**କେନ୍ଦ୍ରାପଡା,୨୪।୪(ସମିସ):** ଓଡିଶା ସରକାରଙ୍କ ଅନ୍ୟତମ ଧାର୍ମିକ ପର୍ଯ୍ୟଟନସ୍ଥଳୀ ତୁଳସୀକ୍ଷେତ୍ରର ପ୍ରାଚୀନ ପୀଠ ଗୁପ୍ତ କ୍ଷେତ୍ର ସଖିବଟରେ ଦ୍ୱାବିଂଶତିତମ ବିଶ୍ୱଶାନ୍ତି ମହାଯଜ୍ଞ ଶେଷ ହୋଇଛି। ଏହି ଅବସରରେ ଅନୁଷ୍ଠିତ ପୂର୍ଣ୍ଣାହୁତି, ନାମଯଜ୍ଞ ଓ ହରିହାଟରେ ଦଶ ହଜାରରୁ ଅଧିକ ଶ୍ରଦ୍ଧାଳୁ ଯୋଗଦେଇ ମହାପ୍ରଭୁ ଶ୍ରୀ ବଳଦେବଙ୍କ କୃପାଲାଭ କରିଛନ୍ତି। ବିଳବଳରାମପୁରସ୍ଥିତ ସଖୀ ବଟରେ ଗତ ଶ୍ରୀରାମ ନବମୀରୁ ଆରମ୍ଭ ହୋଇଥିବା ଯଜ୍ଞରେ ପ୍ରତିଦିନ ଯଜ୍ଞପୁରୋହିତଙ୍କ ଦ୍ୱାରା ବିଧିମତେ ବିହିତକର୍ମ ସହିତ ସନ୍ଧ୍ୟାରେ ଦିବ୍ୟ ପ୍ରବଚନ ଓ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଶେଷଦିନ ଉଦଯାପନୀ ସନ୍ଧ୍ୟାରେ ଜଳସମ୍ପଦ ବିଭାଗର ପ୍ରାକ୍ତନ ମୁଖ୍ୟଯନ୍ତ୍ରୀଙ୍କ ଶତ୍ରୁଘ୍ନ ଦାସ ମୁଖ୍ୟଅତିଥିଭାବେ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସଂସ୍କୃତ ବିଶାରଦ ତଥା ଦିବ୍ୟ ଜୀବନ ସଂଘର ଉପାଧକ୍ଷ ଡଃ କାଳିପ୍ରସନ୍ନ ଶତପଥୀ ଯୋଗଦେଇ ଆଧାତ୍ମିକ ଜ୍ଞାନର ପରିପ୍ରସାରରେ ଶ୍ରୀ ବଳଦେବ ସଂସ୍କୃତିର ପ୍ରାସଙ୍ଗିକତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ କେନ୍ଦ୍ରାପଡ଼ା ଅର୍ବାନ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଭାଗ୍ୟଲକ୍ଷ୍ମୀ ପଣ୍ଡା,ଶିଳ୍ପ ଉଦ୍ୟୋଗୀ ସୁଧାଂଶୁ ଦାସ, ଯଜ୍ଞ କମିଟିର ଉପଦେଷ୍ଟା ପ୍ରମୋଦ ରଥ ଓ ରଶ୍ମିରଂଜନ ରାଉତ ଯୋଗଦେଇଥିଲେ। ସଖିବଟ ମହାପୁରୁଷ ଟ୍ରଷ୍ଟ ବୋର୍ଡ ଓ ଯଜ୍ଞ କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ କମିଟିର ମୁଖ୍ୟ ସଂଯୋଜକ ଙ୍କ ତୀର୍ଥବାସୀ ପଣ୍ଡା ଅଧ୍ୟକ୍ଷତା କରିଥିବାବେଳେ ଟ୍ରଷ୍ଟ ବୋର୍ଡ ସଭ୍ୟ ଙ୍କ ଅକ୍ଷୟ କୁମାର ପାଣି ସଭା ସଂଯୋଜନା କରିଥିଲେ। ଏହି ଅବସରରେ ଦମନ କୁମାର ମହାନ୍ତିଙ୍କୁ ସଖିବଟ ଶ୍ରେଷ୍ଠ ସେବା ସମ୍ମାନ, ଭଗବାନ ପତ୍ରୀଙ୍କୁ ଶ୍ରେଷ୍ଠ ଶିକ୍ଷା ସମ୍ମାନ, ଶରତ କୁମାର ପତିଙ୍କୁ ଆଦିଭାଷା ସମ୍ମାନ, ଚକ୍ରଧର ବିଶ୍ୱାଳଙ୍କୁ ଶ୍ରେଷ୍ଠ କୃଷକ ସମ୍ମାନ ପ୍ରଦାନ କରାଯାଇଥିଲା। ସ୍ୱତନ୍ତ୍ରଭାବେ ପ୍ରସ୍ତର ଓ ମୃତ୍ତିକାଶିଳ୍ପୀ ସୁନୀଲ କୁମାର ବେହେରା, ସତ୍ୟବ୍ରତ ବେହେରା ଓ ସରୋଜକାନ୍ତ ବେହେରାଙ୍କୁ ଶ୍ରେଷ୍ଠ କଳା ସମ୍ମାନ ପ୍ରଦାନ କରାଯାଇଥିଲା। ଶେଷରେ ବୋର୍ଡ ସଦସ୍ୟ ଅଭୟ ପତ୍ରୀ ଧନ୍ୟବାଦ ପ୍ରଦାନ କରିଥିଲେ। ପରେ ଶ୍ରୀକ୍ଷେତ୍ର ଭଜନ ସନ୍ଧ୍ୟା, କଟକର ଲୋକପ୍ରିୟ କଣ୍ଠଶିଳ୍ପୀ ମାନସୀ ପାତ୍ର ଓ ସାଥୀଙ୍କ ଦ୍ୱାରା ଚିତ୍ତାକର୍ଷକ ଭଜନ ପରିବେଷଣ କରାଯାଇଥିଲା। ପୂର୍ଣ୍ଣାହୁତି ଅବସରରେ ଟ୍ରଷ୍ଟବୋର୍ଡ ସଭାପତି ତଥା ମାର୍ଶାଘାଇ ତହସିଲଦାର ଶ୍ରୀକାନ୍ତ କୁମାର ପରିଜା, କୁଦାନଗରୀ ଥାନାଧିକାରିଣୀ ତଥା ଟ୍ରଷ୍ଟବୋର୍ଡସଭ୍ୟା ଅମ୍ବିକା ଦାସ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଆଲୋକ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଯଜ୍ଞ ସ୍ମରଣିକା ମୁକ୍ତଗାଥା ସଂଗ୍ରହ କରିବାକୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବେଶ ଆଗ୍ରହ ପ୍ରକାଶ ପାଇଥିଲା। ଯଜ୍ଞରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକଙ୍କ ସମେତ କବି କଳ୍ପନା ମଲ୍ଲିକ ଓ ଅନ୍ୟାନ୍ୟ ରାଜନେତାଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଦଶ ହଜାରରୁ ଉଦ୍ଧ୍ୱର୍ ଶ୍ରଦ୍ଧାଳୁଙ୍କ ଭିଡ଼ ନିୟନ୍ତ୍ରଣ କରିବାକୁ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଟ୍ରଷ୍ଟ ବୋର୍ଡ ସଦସ୍ୟ ବୈଷ୍ଣବ ସ୍ୱାଇଁ,ଦୀନବନ୍ଧୁ ସ୍ୱାଇଁ, ସମୀର ବିଶ୍ୱାଳ,ନରେନ୍ଦ୍ର ତ୍ରିପାଠୀ,ଡଃ ପ୍ରଫୁଲ୍ଲ ସାମଲ, ନୃସିଂହ ପଣ୍ଡା, ଉମାକାନ୍ତ ସାହାଣୀ, ବନମାଳୀ ଜେନା, ମନୋରଞ୍ଜନ ଷଡ଼ଙ୍ଗୀ, ଅଜୟ ସ୍ୱାଇଁ, ଶୈଳେନ୍ଦ୍ର ପ୍ରଧାନ, ଉମାକାନ୍ତ ଜେନା, ସୁକାନ୍ତ କୁମାର ପରିଡା, କ୍ଷୀରୋଦ ସାହୁ ପ୍ରମୁଖ ସହାୟତା କରିଥିଲେ।

## ଜମିବାଡ଼ି ଗଣ୍ଡଗୋଳକୁ ନେଇ ଦାଦାର ଆକ୍ରମଣରେ ପୁତୁରା ଗୁରୁତର

**ଡେରାବିଶ, ୨୪।୪ (ସମିସ):** ଡେରାବିଶ ଥାନା ପଲେଇ ପଞ୍ଚାୟତ ଅନ୍ତର୍ଗତ ପୁରୀପଡ଼ା ଗ୍ରାମରେ ଜମିବାଡ଼ିକୁ କେନ୍ଦ୍ର କରି ଦାଦା ଖଗେଶ୍ୱର ବେହେରା ଓ ପୁତୁରା ରମାକାନ୍ତ ବେହେରାଙ୍କ ମଧ୍ୟରେ ଦୀର୍ଘ ବର୍ଷ ଧରି ଗଣ୍ଡଗୋଳ ଲାଗିରହିଥିଲା। ଏ ସମ୍ପର୍କରେ ପୂର୍ବରୁ ପୁତୁରା ରମାକାନ୍ତ ଦାଦା ଖଗେଶ୍ୱରଙ୍କ ନାମରେ ଡେରାବିଶ ଥାନାରେ ଅଭିଯୋଗ କରିଥିଲେ। ହେଲେ ଗତକାଲି ରାତିରେ ଏ ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ କୌଣସି କାରଣକୁ ନେଇ କଥା କଟା କଟି ଓ ଉଚ୍ଚବାଚ ହୋଇଥିଲା। ପରେ ଦାଦା ଖଗେଶ୍ୱର ହଠାତ ଏକ ମାରଣାସ୍ତ୍ରରେ ପୁତୁରା ରମାକାନ୍ତଙ୍କୁ ଆକ୍ରମଣ କରିଥିଲା। ଫଳରେ ରମାକାନ୍ତ ଗୁରୁତର ହୋଇ କଟକର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ପରେ ଖଗେଶ୍ୱର ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା। ଏ ସମ୍ପର୍କରେ ରମାକାନ୍ତଙ୍କ ପରିବାର ପକ୍ଷରୁ ଡେରାବିଶ ଥାନାରେ ଅଭିଯୋଗ କରାଯିବା ପରେ ପୁଲିସ୍ ଖଗେଶ୍ୱରଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

# ଅଧିକ ମତଦାନ ଲାଗି ଘରକୁ ଚିଠିଲେଖିଲେ ଛାତ୍ରୀ

**ଅନୁଗୋଳ, ୨୪।୪(ସମିସ):** ଅନୁଗୋଳ ଜିଲ୍ଲାର ବାଳିକା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଘରକୁ ଚିଠି ଲେଖିଛନ୍ତି। ସୂଚନା ଯେ, ଚଳିତବର୍ଷ ନିର୍ବାଚନରେ ଅଧିକରୁ ଅଧିକ ମତଦାନ କରିବା ପାଇଁ ଛାତ୍ରୀମାନେ ନିଜ ନିଜ ଘରମାନଙ୍କୁ ଚିଠି ଲେଖିଛନ୍ତି। ଗଣତାନ୍ତ୍ରିକ ବ୍ୟବସ୍ଥାରେ ଭୋଟଦେବା ପ୍ରତ୍ୟେକ ନାଗରିକର ମୌଳିକ କର୍ତ୍ତବ୍ୟ ହୋଇଥିବାରୁ ନିଜ ପରିବାରକୁ ଯେପରି ଆଗାମୀ ନିର୍ବାଚନରେ କେହି ଭୋଟଦାନରୁ ବଞ୍ଚିତ ନ ହୁଅନ୍ତି, ସେଥିଲାଗି ସଚେତନତା ମୂଳକ ପତ୍ର ଲେଖିଛନ୍ତି। ଏଥିସହିତ ପାଖ ପଡ଼ୋଶୀ ଯେପରି ଏହି ମହାନ ପର୍ବରେ ସାମିଲ ହୋଇପାରିବେ, ସେଥିଲାଗି ମଧ୍ୟ ନିଜର ପିତା, ମାତା, ମୁରବୀମାନଙ୍କୁ ଅନୁରୋଧ ପତ୍ର ଲେଖାଯାଇଛି। ପ୍ରତିଷ୍ଠାନ ତରଫରୁ ସମସ୍ତ ଛାତ୍ରୀଙ୍କୁ ଲଫାପା ଓ ଡାକ ଟିକେଟ୍ ଯୋଗାଇ ଦିଆଯାଇଥିଲା। ଯାହା ଫଳରେ ସମସ୍ତ ଛାତ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟରୁ ବାହାରି ଜିଲ୍ଲା ମୁଖ୍ୟ ଡାକଘରର ଡାକବାକ୍ସରେ ଲଫାପା ପକାଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଡାକଘରର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



# ବିପୁଳ ବିଦେଶୀ ମଦ ଜବତ; ଜଣେ ଗିରଫ

**ପାଲଲହଡା, ୨୪।୪(ସମିସ):** ଅନେକ ଦିନଧରି ପାଲଲହଡ଼ା ଉପଖଣ୍ଡର ବିଭିନ୍ନ ଢାବା, ପାନ ଦୋକାନ, ଚା ଦୋକାନରେ ବେଆଇନ ମଦ ବିକ୍ରି ଚାଲିଥିବା ବେଳେ ନିର୍ବାଚନ ଋତୁରେ ସକ୍ରିୟ ହୋଇପଡ଼ିଛି ପାଲଲହଡ଼ା ପୁଲିସ। ଗତ କିଛିଦିନ ହେଲା ଲଗାତାର ଢାବା ମାନଙ୍କରେ ଚଢ଼ଉ କରି ଛୋଟମୋଟ ମଦ ବେପାରୀଙ୍କୁ ଧରିବାରେ ସକ୍ଷମ ହେଉଥିବା ବେଳେ ଗତ ମଙ୍ଗଳବାର ସନ୍ଧ୍ୟାରେ ଏକ ଚା ଦୋକାନରେ ଚଢ଼ଉ କରି ୬୨.୪ ଲିଟର ବିଦେଶୀ ମଦ ଜବତ କରିବାରେ ସକ୍ଷମ ହୋଇଛି ପାଲଲହଡ଼ା ପୋଲିସ। ମଙ୍ଗଳବାର ସନ୍ଧ୍ୟାରେ ପାଟ୍ରୋଲିଂ କରୁଥିବା ପାଲଲହଡା ଥାନା ଏଏସ ଆଇ ଦୁଷ୍ମନ୍ତ ବାରିକ ଖବର ପାଇ ସଦର ମହକୁମା ସ୍ଥିତ ସୁବର୍ଣ୍ଣପାଲି ଛକ ନିକଟରେ ଥିବା ଏକ ଚା ଦୋକାନରେ ଅତର୍କିତ ଚଢ଼ଉ କରିଥିଲେ। ଘଟଣାସ୍ଥଳରୁ ୬୨.୪ ଲିଟର ବିଦେଶୀ ମଦ ଜବତ କରିଥିଲେ। ଦୋକାନି ବିକ୍ରି ପାଇଁ ଏହି ସବୁ ବିଦେଶୀ ମଦ ରଖିଥିବା ସ୍ୱୀକାର କରିଥିଲେ, ମାତ୍ର କୌଣସି ଅନୁମତି ପତ୍ର ଦେଖାଇ ପାରି ନଥିଲେ। ତେଣୁ ଚା ଦୋକାନୀ ସୁବର୍ଣ୍ଣପାଲିର ରାଜେନ୍ଦ୍ର ମାଝୀ (୨୯) କୁ ପୁଲିସ ଗିରଫ କରିଥିଲା। ପାଲଲହଡ଼ା ପୁଲିସ କେସ ନଂ ୧୧୮ / ୨୩/୦୪/୨୦୨୪ ରେ ଏକ ମାମଲା ରୁଜୁ କରି ରାଜେନ୍ଦ୍ରକୁ କୋର୍ଟ ଚାଲାଣ କରିଛି।



# ବିଜେଡିକୁ ଫେରିଲେ ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଇନ୍ଦ୍ରମଣି

**ପାଲଲହଡ଼ା, ୨୪।୪(ସମିସ)**

ଅନୁଗୋଳ ଜିଲ୍ଲା ପରିଷଦର ପୂର୍ବତନ ଉପାଧ୍ୟକ୍ଷ ଇନ୍ଦ୍ରମଣି ଗଡ଼ନାୟକ ବୁଧବାର ପୁଣିଥରେ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଇନ୍ଦ୍ରମଣି ୨୦୧୭ ରୁ ୨୦୨୨ ପର୍ଯ୍ୟନ୍ତ ଅନୁଗୋଳ ଜିଲ୍ଲା ପରିଷଦର ଉପାଧ୍ୟକ୍ଷ ଭାବରେ କାର୍ଯ୍ୟ କରିଥିଲେ କିନ୍ତୁ ୨୦୨୨ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଦଳରୁ ଇସ୍ତଫା ଦେଇଥିଲେ। ବିଜେଡି ସଂଗଠନ ସମ୍ପାଦକ ଇସ୍ତଫା ପତ୍ର ଗ୍ରହଣ ନକରି ଦଳ ପାଇଁ କାର୍ଯ୍ୟ କରିବାକୁ କହିଥିଲେ। ମାତ୍ର ସେ ସେବେଠାରୁ ଦଳୀୟ କାର୍ଯ୍ୟକ୍ରମରୁ ନିଜକୁ ଦୁରେଇ ରଖିଥିଲେ। ଆଜିଯାଏ ସେ କୌଣସି ଦଳରେ ଯୋଗଦାନ କରି ନଥିବା ବେଳେ ବୁଧବାର ପୂର୍ବତନ ଉପବାଚସ୍ପତି ରଜନୀକାନ୍ତ ସିଂଙ୍କ ନେତୃତ୍ୱରେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ପାଲଲହଡ଼ା ବିଧାୟକ ମୁକେଶ ପାଲଙ୍କ ଉପସ୍ଥିତିରେ ପୁଣି ଥରେ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଇନ୍ଦ୍ରମଣିଙ୍କ ପ୍ରତ୍ୟାବର୍ତ୍ତନ ଦଳକୁ ସୁଦୃଢ଼ କରିବ ବୋଲି ବିଧାୟକ ପାଲ ପ୍ରକାଶ କରିଥିଲେ। ସେହିପରି ନିଜର ବ୍ୟକ୍ତିଗତ କାରଣ ପାଇଁ ସକ୍ରିୟ ରାଜନୀତିରୁ ଦୂରେଇ ରହିଥିଲି ଏବଂ ବର୍ତ୍ତମାନ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ସହିତ ପାଲଲହଡ଼ା ନିର୍ବାଚନ ମଣ୍ଡଳୀର ଲୋକପ୍ରିୟ ବିଧାୟକ ମୁକେଶ ପାଲଙ୍କ ହାତମୁଠାକୁ ଟାଣ କରି ଆଗାମୀ ନିର୍ବାଚନରେ ପାଲଲହଡା ନିର୍ବାଚନ ମଣ୍ଡଳୀରେ ଯୋଡ଼ି ଶଙ୍ଖକୁ ବିଜେତା କରିବା ପାଇଁ ସକ୍ରିୟ ରାଜନୀତିକୁ ପୁଣିଥରେ ଆସିଛି ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ।



# ଦମ୍ପତିଙ୍କୁ ମାଡ଼; ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ

**ଅନୁଗୋଳ, ୨୪।୪(ସମିସ):** ଅନୁଗୋଳ ଜିଲ୍ଲା ବଅଁରପାଳ ଥାନା ଅନ୍ତର୍ଗତ ବୁଢ଼ାପଙ୍କ ପଞ୍ଚାୟତର ବୃନ୍ଦାବନପୁର ଗ୍ରାମରେ ଦମ୍ପତିଙ୍କୁ ମାଡ଼ ମରାଯିବା ପରେ ସେମାନେ ନ୍ୟାୟ ପାଇବା ପାଇଁ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ଯେ, ଗତ ୧୩ ତାରିଖ ଦିନ ବୃନ୍ଦାବନପୁର ଆସିଲି ପରିଡ଼ା ଏବଂ ତାଙ୍କ ସ୍ୱାମୀ ଈଶ୍ୱର ପରିଡ଼ା ତାଙ୍କ ଘର ପଛ ପାଖରେ ମାଟି ପକାଇବା ବେଳେ ଘର ପାଖ ଲୋକ ବିରୋଧ କରି ଦମ୍ପତିଙ୍କୁ ମାଡ଼ ମାରିଥିଲେ। ଏ ନେଇ ଦମ୍ପତି ବଅଁରପାଳ ଚିକିତ୍ସାଳୟରେ ଚିକିତ୍ସା ହେବା ପରେ ବଅଁରପାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ନ୍ୟାୟ ପାଇବା ପାଇଁ ଆଜି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଅଭିଯୋଗ କରିବା ପରେ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ବଅଁରପାଳ ଥାନାକୁ ନିର୍ଦ୍ଦେଶ ଦିଆଯାଇଥିବା ପ୍ରକାଶ।



● ଆଜି ବିଶ୍ୱ ମେଲେରିଆ ଦିବସ

# ଦମନ କାର୍ଯ୍ୟକ୍ରମ ଯୋଗୁଁ ରୋଗ ନିୟନ୍ତ୍ରଣ

**ଅନୁଗୋଳ, ୨୪।୪(ସମିସ):** ଆଜକୁ ଦଶବର୍ଷ ତଳର ସ୍ଥିତି କଥା ଯଦି କୁହାଯିବ, ତେବେ ସେତେବେଳେ ଅନୁଗୋଳ ଜିଲ୍ଲାରେ ମେଲେରିଆ ବେଶ୍ ଉଦବେଗଜନକ ଅବସ୍ଥାରେ ଥିଲା। ଅନୁଗୋଳ ବ୍ଲକ୍ ର ସାତକୋଶିଆ ଅଭୟାରଣ୍ୟ ଅଞ୍ଚଳ, ଆଠମଲ୍ଲିକ, କଣିହାଁ, ପାଲଲହଡ଼ାଆଦି ଅଞ୍ଚଳରେ ଅଧିକ ମେଲେରିଆ ଦେଖିବାକୁ ମିଳୁଥିଲା। ସେତେବେଳେ ଅନୁଗୋଳ ସମେତ ରାଜ୍ୟର ୧୭ ଟି ଜିଲ୍ଲାରେ ମେଲେରିଆ କାୟା ବିସ୍ତାର କରିଥିଲା। ପ୍ଲାଜମୋଡିୟମ୍ ଫଲ୍ସିପରମ୍ ପାରାସାଇଟ ଯୋଗୁଁ ଅନେକ ରୋଗୀ ଆକ୍ରାନ୍ତ ହେବାରେ ଲାଗିଲେ। ତେଣୁ ସରକାରଙ୍କ ପକ୍ଷରୁ ଏହାର ମୁକାବିଲା ପାଇଁ ବହୁମୁଖି କାର୍ଯ୍ୟକ୍ରମ ହାତକୁ ନିଆଗଲା। ଦମନ କାର୍ଯ୍ୟକ୍ରମକୁ ବିନିଯୋଗ କରାଯାଇ ମେଲେରିଆ କିଭଳି ସମ୍ପୂର୍ଣ୍ଣ ନିପାତ ହେବ, ତା'ର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଗଲା। ଗାଁଠୁ ବ୍ଲକ୍ ସବୁଠି ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହେଲା। ପ୍ରତ୍ୟେକ ଲୋକଙ୍କୁ ପର୍ଯ୍ୟାୟକ୍ରମେ ଡ଼େଲଟାମେଥରିନ ଔଷଧ ବୁଡ଼ା ମଶାରୀ ବଣ୍ଟନ, ମଶା ଅଞ୍ଚଳରେ ଔଷଧ ସ୍ପ୍ରେ, ଆଶାମାନଙ୍କୁ ତୁରନ୍ତ ମେଲେରିଆ ଚିହ୍ନଟ କିଟ୍ ପ୍ରଦାନ, ମାଗଣାରେ ଔଷଧ ବଣ୍ଟନ କାର୍ଯ୍ୟକ୍ରମକୁ ଅଗ୍ରାଧିକାର ଦିଆ ଗଲା। ଏହାପରେ ବେକାବୁ ହୋଇଥିବା ମେଲେରିଆ ନିୟନ୍ତ୍ରଣ ଭିତରକୁ ଆସିଥିଲା। ୨୦୧୫ ରୁ ୨୦୧୯ ମଧ୍ୟରେ ମେଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୯୯.୭୧ ପ୍ରତିଶତକୁ ଖସାଇ ଦିଆଗଲା। ଏହାପରେ ମଧ୍ୟ ରାଜ୍ୟ ସରକାର ଏନଭିଡିସିପି ସହଯୋଗରେ ମେଲେରିଆ ଦମନ କାର୍ଯ୍ୟକ୍ରମକୁ ଚାଲୁ ରଖିଲେ। ଶେଷରେ ଏହାର ସଫଳତା ମିଳିଲା।

# କଣିହାଁ ଖଣି ଜିଏମ୍ ଅଫିସ୍‌ରେ ବିଏମ୍‌ଏସ୍‌ର ଧାରଣା



**କଣିହାଁ, ୨୪।୪(ସମିସ):** ଅନୁଗୋଳ ଜିଲ୍ଲା କଣିହାଁ କୋଇଲା ଖଣି ମହାପ୍ରବନ୍ଧକ କିଶୋର କୁମାର ରାଉଳଙ୍କ ଅଫିସ୍ ସମ୍ମୁଖରେ କଣିହାଁ ବିଏମ୍‌ଏସ୍ କର୍ମଚାରୀ ସଂଘ ପକ୍ଷରୁ ବୁଧବାର ଧାରଣା ଦିଆଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା କାର୍ଯ୍ୟକାରୀରେ ଖଣି କର୍ତ୍ତୃପକ୍ଷଙ୍କ ନୀରବତାକୁ ପାଥେୟ କରି ବିଏମ୍‌ଏସ୍ ସଂଘ କଣିହାଁ ଶାଖା ପକ୍ଷରୁ ଆଜି ସକାଳ ୧୦ଟାରୁ ଅପରାହ୍ଣ ୧ଟା ପର୍ଯ୍ୟନ୍ତ ଏହି ପ୍ରତିବାଦ୍ କରାଯାଇଥିଲା। ସଂଘ ସଭାପତି ଅଭୟ କୁମାର ସାହୁଙ୍କ ନେତୃତ୍ୱରେ ଖଣି କର୍ମଚାରୀ ସାମିଲ୍ ହୋଇଥିଲେ। ଗ୍ରୀଷ୍ମଦିନେ ଅସହ୍ୟ ତାପମାତ୍ରା ବୃଦ୍ଧିକୁ ଲକ୍ଷ୍ୟ ରଖି ଦିନ ୧୧ଟାରୁ ଅପରାହ୍ଣ ସାଢେ ୩ଟା ପର୍ଯ୍ୟନ୍ତ ଖଣିରେ ଶ୍ରମିକ ଓ କର୍ମଚାରୀ କାର୍ଯ୍ୟ ନକରିବା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଥିଲା। ଏଥି ସହିତ ଆବଶ୍ୟକୀୟ ପଦକ୍ଷେପ ସଦୃଶ ଶୀତତାପ ନିୟନ୍ତ୍ରଣ ମେସିନ୍, ଥଣ୍ଡା ପାନୀୟ ଜଳ ଯୋଗାଣ, ରେଷ୍ଟ ସେଲଟର୍, ଓଆର୍‌ଏସ୍ ଓ ଜରୁରୀ କାଳୀନ ଚିକିତ୍ସା ପାଇଁ ପଦକ୍ଷେପ ନେବାକୁ ଓଡ଼ିଶା ସରକାର ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏଯାବତ୍ କାର୍ଯ୍ୟକାରୀ ନହେବା ଫଳରେ ଆଜି ସଂଘ ପକ୍ଷରୁ ଏଭଳି ପ୍ରତିବାଦ୍ କରାଯାଇଥିଲା। ତାଳଚେର କୋଇଲା ଖଣି ମଜଦୂର ସଂଘ ସାଧାରଣ ସମ୍ପାଦକ ବିରେନ୍ କୁମାର ଖିଲାରଙ୍କ ନିର୍ଦ୍ଦେଶକ୍ରମେ କଣିହାଁ ସହିତ ତାଳଚେର ଖଣି ଅଞ୍ଚଳର ୮ ମହାପ୍ରବନ୍ଧକ ସମସ୍ତ ଅଫିସ୍ ସମ୍ମୁଖରେ ଏହି ପ୍ରତିବାଦ୍ କରାଯାଇଥିଲା। ଜିଲ୍ଲା ବିଏମ୍‌ଏସ୍ ସମ୍ପାଦକ ତଥା କଣିହାଁ ପ୍ରଭାରୀ ଅଜୟ କୁମାର ପାଢ଼ୀ, ସଂଘ ସମ୍ପାଦକ ଚିନ୍ମୟ ଚିରସୁନ୍ଦର ପ୍ରଧାନ, ସଂଘମିତ୍ରା ପ୍ରଧାନ, ହିମାଦ୍ରୀ ସାହୁ, ରଶ୍ମିତା ସାହୁ, ଲକ୍ଷ୍ମୀପ୍ରିୟା ସାହୁ, ଦୁର୍ଗାବତୀ ସାହୁ, ରମେଶ ସାମଲ, ଜିତେଶ୍ କୁମାର ଧର, ସୁଶାନ୍ତ ସାମଲ, ଲକ୍ଷ୍ମୀଧର ଜେନା, ମାନସ ସାହୁ, ବିଶ୍ୱନାଥ ସାହୁ, ଅଜୟ ସାହୁ, କାଳନ୍ଦୀ ବେହେରା, ସନ୍ତୋଷ ସାମଲ, ଶେଖ୍ ଖଲ୍ଲିଲ୍ ଉଲ୍ଲା, ଗୌତମ ବେହେରା, ରାଜେନ୍ଦ୍ର ସାହୁ ପ୍ରମୁଖ ସାମିଲ୍ ଥିଲେ।




## ଗରେଇରେ ରାମଚରିତ ମାନସ ପାରାୟଣ

# ପାରାଦୀପ ପ୍ରାର୍ଥିନୀ ଗୀତାଞ୍ଜଳିଙ୍କୁ ସମ୍ବର୍ଦ୍ଧନା

କୁଜଙ୍ଗ, ୨୪।୪(ସମିସ)

କୁଜଙ୍ଗ ବ୍ଲକ ଗରେଇ ଶାସନ ବାରୁଣି ପଡ଼ିଆରେ ୩୩ ତମ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଜ୍ଞାନଯଜ୍ଞ ଶ୍ରଦ୍ଧା ଉତ୍ସାହ ସହକାରେ ଅନୁଷ୍ଠିତ ହେଉଛି। ଏହି କାର୍ଯ୍ୟକ୍ରମରେ ବ୍ୟାସ ପଣ୍ଡିତ ଜଗଦୀଶ ମିଶ୍ର ଓ ପଣ୍ଡିତ ଅଜୟ ଆଚାର୍ଯ୍ୟ ମାନସ ପାରାୟଣକୁ ପରିଚାଳନା କରୁଥିବା ବେଳେ ପ୍ରବଚକ ସନ୍ଥ ଯମୁନା ଦାସ, ଭରତ ନାୟକ, ପଣ୍ଡିତ ଭାବଗ୍ରାହୀ ମିଶ୍ର, ମାନସ କୁମାର ପଣ୍ଡା, ଅନ୍ତର୍ଯ୍ୟାମୀ ବରଳା, ଶରଣାରବିନ୍ଦ ଓଝା, ଅଭିନନ୍ଦନ ଦାଶ



ପ୍ରମୁଖ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ରାମାୟଣୀ ମାନେ ଯୋଗଦେଇ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ରାମାୟଣର କଥା ବସ୍ତୁ ସହ ସମାଜରେ ଭାଇଚାରା, ପରିବାରରେ ଶୃଙ୍ଖଳା ରାମାୟଣରେ ହିଁ ଦେଇ ପାରିବ ବୋଲି କହିଥିଲେ। ଭଲ ଭାଇ, ଭଲ ସ୍ୱାମୀ, ଭଲ ପୁଅ ସବୁ କିଛି ରାମାୟଣରୁ ମିଳେ ବୋଲି ପ୍ରବଚକମାନେ ରାମାୟଣରୁ ଗୁଢ ତତ୍ତ୍ୱ ସହ ତୁଳସୀ ରାମାୟଣ ଓ ବାଲ୍ମିକ ରାମାୟଣ ସହ ଦାଣ୍ଡି ରାମୟଣରୁ ବିଭିନ୍ନ ଶ୍ଳୋକ, ଦୋହା ଚଉପଦୀ ନେଇ ଅତି ସୁନ୍ଦର ଭାବେ ବର୍ଣ୍ଣନା କରିବା ସହ ପରିବେଶକୁ ଆଧାତ୍ମିକମୟ କରିଦେଉଛନ୍ତି। ଫଳରେ ଏହି ମଣ୍ଡଳରେ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳୁଥିବା ବେଳେ ଗରେଇ ସରପଞ୍ଚ ଦିପ୍ତିରେଖା ଲେଙ୍କା, ସମିତି ସଭ୍ୟା ଦିପ୍ତୀମୟୀ ପଣ୍ଡା, ଜିଲ୍ଲାପରିଷଦ ରବିନାରାୟଣ ସାହୁ, ପୋତାନଇ ସରପଞ୍ଚ ବ୍ରଜକିଶୋର ମହାରାଜଙ୍କ ଉପସ୍ଥିତିରେ ପାରାଦୀପ ବିଧାନ ସଭା ଆସନ ପାଇଁ ବିଜେଡି ପକ୍ଷରୁ ପ୍ରାର୍ଥୀ ହୋଇଥିବା ଗୀତାଞ୍ଜଳି ରାଉତରାୟଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି।

# ପାରାଦୀପ ପୁଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ



ପାରାଦୀପ, ୨୪।୪ (ସମିସ): ସାଧାରଣ ନିର୍ବାଚନ ଘୋଷଣା ହେବା ପରେ ପୁଲିସ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ନିର୍ବାଚନ କାଳରେ ଯେପରି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହୁଏ, ଶାନ୍ତିଶୃଙ୍ଖଳାରେ ନିର୍ବାଚନ ଓ ଅପରାଧ ମୁକ୍ତ କରାଯିବା ନେଇ ପୁଲିସ ଏଭଳି ପଦକ୍ଷେପ ହାତକୁ ନେଇଥାଏ। ପାରାଦୀପ ନିର୍ବାଚନମଣ୍ଡଳୀର ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବାକୁ ପୁଲିସ ତତ୍ପର ହୋଇ ଉଠିଛି। ବୁଧବାର ଅପରାହ୍ନରେ ପାରାଦୀପ ଥାନା ଅଞ୍ଚଳରେ ପୁଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଏହି ଫ୍ଲାଗ୍‌ମାର୍ଚ୍ଚ କାର୍ଯ୍ୟକ୍ରମରେ ପାରାଦୀପ ଡିଏସପି ସନ୍ତୋଷ ଜେନା, ଲକ୍ ଥାନା ଅଧିକାରୀ କୁଳମଣି ସେଠୀ, ମେରାଇନ ଥାନା ଅଧିକାରୀ ବବିତା ଦେହୁରୀ, ଜଟାଧାରୀ ମୁହାଣ ମେରାଇନ ଥାନା ଅଧିକାରୀ ସୁଜାତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପାରାଦୀପ ଆଦର୍ଶ ଥାନା, ଲକ୍ ଥାନା, ଜଟାଧାରୀ ମୁହାଣ ମେରାଇନ ଥାନା ଓ ମେରାଇନ ଥାନାର ବହୁ ପୁଲିସ କର୍ମଚାରୀ ଏହି ଫ୍ଲାଗ୍‌ମାର୍ଚ୍ଚରେ ଅଂଶଗ୍ରହଣ କରିଥିଲେ। ସମସ୍ତ ଥାନା କର୍ମଚାରୀ ଲୋକଙ୍କୁ ବିଭିନ୍ନ ସତର୍କତା ଅବଲମ୍ବନ ପାଇଁ ପରାମର୍ଶ ଦେଇଥିଲେ। ନିର୍ବାଚନ ପରିପ୍ରେକ୍ଷୀରେ ଆଇନଶୃଙ୍ଖଳା ସ୍ଥିତି ନିୟନ୍ତ୍ରଣ ପାଇଁ ଏହି ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିବା ପୁଲିସ ଅଧିକାରୀ ସୂଚନା ଦେଇଛନ୍ତି। ଏହି ଫ୍ଲାଗମାର୍ଚ୍ଚ ବାଉରିଆ ପଲନ୍ଦାରୁ ବାହାରି ଅଠରବାଙ୍କୀ ଦେଇ ଷଣ୍ଢକୁଦ ଓ ପରେ ଆଦର୍ଶ ଥାନାରେ ଶେଷ ହୋଇଥିଲା।

# କଳାକାର ସଂଘ ପକ୍ଷରୁ ସ୍ମୃତିଚାରଣ ସଭା



ପାରାଦୀପ, ୨୪।୪ (ସମିସ): ପାରାଦୀପ କଳାକାର ସଂଘ ପକ୍ଷରୁ ଜିତୁ ସାରଙ୍କ ସ୍ମୃତିଚାରଣ ସଭା ଆୟୋଜିତ ହୋଇଯାଇଛି। ସ୍ଥାନୀୟ ହରିବୋଲିଆ ମଠ ପରିସରରେ ହରିବୋଲିଆ ମଠ ସାଥି କଳାକାର ତଥା ସଂଘର ବରିଷ୍ଠ ହାରମୋନିୟମ ବାଦ୍ୟକାର ଦିବଙ୍ଗତ ମଦନ ମୋହନ ଜେନା (ଜିତୁ ସାର)ଙ୍କ ହୃଦଘାତରେ ମୃତ୍ୟୁ ଘଟିଥିଲା। ଆଜି ଏକାଦଶାହ ଅବସରରେ ଏକ ସ୍ମୃତିଚାରଣ ସଭାର ଆୟୋଜନ କରାଯାଇ ଦିବଙ୍ଗତ ଜେନାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ହରିବୋଲିଆ ମଠ ସଭାପତି ଜୟଚନ୍ଦ୍ର ପରିଡ଼ାଙ୍କ ସମେତ ବନ୍ଦର ଅର୍ଥ ବିଭାଗର ମହାରଣା ସାର ଓ ଇଂ ଗଙ୍ଗାଧର ସେଠୀ ଯୋଗଦେଇ ଦିବଙ୍ଗତ ଜେନାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଗଭୀର ଶୋକାବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମକୁ ପାରାଦୀପ ହକର ଆସୋସିଏସନର ସଭାପତି ତଥା ସମାଜସେବୀ ପ୍ରଦୀପ କୁମାର ଜେନା, ସଂଗ୍ରାମ ସେଠୀ, ଅକ୍ଷୟ ବେହେରା, ଗଗନ ବିଶ୍ୱାଳ, ମହେଶ୍ୱର ବାରିକ, ଭୀମସେନ ବଳ, ରାଉତ ବାବୁ, ଟୁନା ଦାସ ଓ ସାହିଲ ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ।

# ତାରିଣୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ



ଜଗତସିଂହପୁର, ୨୪।୪(ସମିସ): ସହର ଉପକଣ୍ଠ ମଧୁସୂଦନପୁର ଶାସନ ପଞ୍ଚାୟତର କେନ୍ଦ୍ରସ୍ଥଳସ୍ଥିତ ମା'ତାରିଣୀ ଠାକୁରାଣୀଙ୍କ ପୀଠରେ ୨୪ତମ ବିଶ୍ୱଶାନ୍ତି ଦୁର୍ଗା ସପ୍ତସତୀ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ତିନିଦିନ ବ୍ୟାପୀ କାର୍ଯ୍ୟକ୍ରମ ଅବସରରେ କଳସ ଯାତ୍ରା, ଅଗ୍ନି ସ୍ଥାପନ, ଗୋପାଳ ସହସ୍ରନାମ, ବିଷ୍ଣୁ ସହସ୍ର ନାମ, ଗୁରୁପୂଜା, ଗୋ ପୂଜା, ଗୀତାପାଠ, ଗୀତା ଆହୁତି, ଷୋଡଶ ଉପଚାର ପୂଜା, ଚଣ୍ଡୀ ପାଠ ଆଦି ଅନୁଷ୍ଠିତ ହୋଇଥିଲା।ପରେ ପ୍ରତ୍ୟେକ ଦିନ ଆହୁତି ଓ ସପ୍ତଶତୀ ଚଣ୍ଡୀ ଆହୁତି କରାଯାଇ ପୂର୍ଣ୍ଣାହୁତି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।ଏହି କାର୍ଯ୍ୟକ୍ରମ ରେ ମନ୍ଦିର ପରିଚାଳନା କମିଟିର ସଦସ୍ୟ ସୁଶାନ୍ତ କୁମାର ପାତ୍ର, ଜିତେନ୍ଦ୍ର କୁମାର ଜେନା, ବିବେକାନନ୍ଦ ପୋଲାଇ, ଧ୍ରୁବ ଚରଣ ଦାସ, ଦେବୀ ପ୍ରସାଦ ପାତ୍ର, ନାରାୟଣ ମିଶ୍ର, ପ୍ରଶାନ୍ତ କୁମାର ପାତ୍ର ପ୍ରମୁଖ ଯଜ୍ଞ ପରିଚାଳନା କରିଥିଲେ।ଏହି କାର୍ଯ୍ୟକ୍ରମରେ ସାମୁହିକ ବ୍ରତ ମଧ୍ୟ କରାଯାଇଥିଲା। ପୂର୍ଣ୍ଣାହୃତି ପାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା।

# ଝଙ୍କେଶ୍ୱର ମହାଦେବଙ୍କ ବିଶ୍ୱଶାନ୍ତି ମହାଯଜ୍ଞ

ଜଗତସିଂହପୁର, ୨୪।୪(ସମିସ): ବାଣୀ କ୍ଷେତ୍ର ଝଙ୍କଡ଼ର ଅଧିଶ୍ୱର ଝଙ୍କେଶ୍ୱର ମହଦେବଙ୍କ ୪୦ ତମ ବିଶ୍ୱଶାନ୍ତି ମହାଯଜ୍ଞ ଗତ ୧୮ ତାରିଖରୁ ଶୁଭାରମ୍ଭ ହୋଇ, ସୋମବାର ଦିନ ବିଳମ୍ବିତ ରାତ୍ରିରେ ପୂର୍ଣ୍ଣାହୂତି ପ୍ରଦାନ ସହ ଉଦଯାପିତ ହୋଇଯାଇଛି। ଅଙ୍କୁର ରୋପଣ, କଳସ ଶୋଭାଯାତ୍ରା, ଘଟସ୍ଥାପନ, ମଣ୍ଡଳପୂଜା, ରୁଦ୍ରାଭିଷେକ, ଗୀତା ପାଠ, ଚଣ୍ଡୀପାଠ ଓ ଯଜ୍ଞରେ ଆହୂତି ପ୍ରଦାନ କରାଯାଇଥିଲା। ଯଜ୍ଞକର୍ତ୍ତା ପ୍ରଦୀପ୍ତ କୁମାର ପଣ୍ଡା ଓ ଯଜ୍ଞକର୍ତ୍ତ୍ରୀ ବାସନ୍ତୀ ପଣ୍ଡା ଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମରେ, ମୂଖ୍ୟ ଆଚାର୍ଯ୍ୟ ରାକେଶ ଦାଶ, ପୁସ୍ତକକ୍ଷ କାର୍ଯ୍ୟ ପଣ୍ଡିତ ଦେବେନ୍ଦ୍ର କୁମାର ଦାଶଙ୍କ ସମେତ ନିକୁଞ୍ଜ ବିହାରୀ ଦାଶ, ସରୋଜ ଦାଶ, ଶାରଦା ପ୍ରସନ୍ନ ମିଶ୍ର, ଜ୍ଞାନେନ୍ଦ୍ର ଦାଶ, ରଶ୍ମିକାନ୍ତ ଦାଶ ଓ ଗୁରୁପ୍ରାସାଦ ଦାଶ ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଯଜ୍ଞ ପରିଚାଳନା କମିଟିର କର୍ମକର୍ତ୍ତା ବଳରାମ ପରିଡ଼ା, ସୁକାନ୍ତ କୁମାର ପରିଡ଼ା, ବିଳାସ ଚନ୍ଦ୍ର ବେହେରା, ସୁବ୍ରତ ମଲ୍ଲିକଙ୍କ ସମେତ ସମସ୍ତ ସ୍ଥାନୀୟ ଅଞ୍ଚଳର ଅଧିବାସୀ ଏହି ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



# ଭକ୍ତି ବାବାଙ୍କ ଆଶୀର୍ବାଦ ନେଲେ ସମ୍ପଦ

କୁଜଙ୍ଗ, ୨୪।୪(ସମିସ): କୁଜଙ୍ଗ ବ୍ଲକ ଗୋପିଆକୁଦ ପଞ୍ଚାୟତ ଭକ୍ତିନଗରରେ ୨୪ ତମ ଦେବ ପାରାୟଣ ଗାୟତ୍ରୀ ମହାଯଜ୍ଞରେ ବିଜେପି ନେତା ସମ୍ପଦ ଯୋଗଦେଇ ଆହୁତି ଦେବା ସହ ଦୀର୍ଘ ବର୍ଷ ଧରି ଅଞ୍ଚଳରେ ଏହି ମହାନ ଯଜ୍ଞ କରିଆସୁଥିବା ଭକ୍ତି ପରିବାରକୁ ଉଚ୍ଚ ପ୍ରଶଂସା କରିଛନ୍ତି। ଏହି ଅବସରରେ ସମ୍ପଦଙ୍କୁ ସମ୍ବର୍ଦ୍ଧନା ସହ ସ୍ୱାଗତ କରାଯାଇଥିବା ବେଳେ ସମ୍ପଦ ମଧ୍ୟ ଭକ୍ତି ବାବାଙ୍କ ଆଶୀର୍ବାଦ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୋପିଆକୁଦର ସରପଞ୍ଚ ଶ୍ରୀନିବାସ ସ୍ୱାଇଁଙ୍କ ସହ ଗ୍ରାମର ବହୁ ମୁରବି ଓ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ବିଶ୍ୱ କଲ୍ୟାଣ ପାଇଁ ହେଉଥିବା ଏହି ମହାନ ଯଜ୍ଞରେ ସହଯୋଗ କରିବାକୁ ସମ୍ପଦ ମଧ୍ୟ ସଭିଙ୍କୁ ଆହ୍ୱାନ ଦେଇଥିଲେ।

# ପ୍ରଚାର ମଇଦାନରେ ସିପିଆଇ ବିଧାୟିକା ପ୍ରାର୍ଥୀ ଜିନ୍ନୟୀ

କୁଜଙ୍ଗ, ୨୪।୪(ସମିସ): ନିର୍ବାଚନ ପାଇଁ ଆଉ ଏକ ମାସରୁ ଉର୍ଦ୍ଧ୍ୱ ସମୟ ରହିଛି। ଏହାରି ମଧ୍ୟରେ ବିଭିନ୍ନ ରାଜନୈତିକ ଦଳରୁ ପାର୍ଥୀ ଘୋଷଣା ହେବା ପରେ ପ୍ରାର୍ଥୀ ମାନେ ନିଜ ନିଜର ସମ୍ପର୍କ ଅଭିଯାନ ଓ ପ୍ରଚାର ଆରମ୍ଭ କରିଦେଲେଣି। ଅଧିକାଂଶ ପ୍ରାର୍ଥୀ ପ୍ରବଳ ଗ୍ରୀଷ୍ମ ହେତୁ ଦିନ ଅପେକ୍ଷା ସନ୍ଧ୍ୟା ଓ ରାତିରେ ବୁଲୁଥିବା ଲକ୍ଷ୍ୟ କରାଯାଉଛି। ଏହି କ୍ରମରେ ବିଭିନ୍ନ ଗ୍ରାମରେ ପ୍ରଚାର କରି ସାଧାରଣ ଲୋକଙ୍କୁ ମନ ମୋହୁଛନ୍ତି ସିପିଆଇ ପ୍ରାର୍ଥୀ ତଥା ସଂଗ୍ରାମୀ ନାରୀନେତ୍ରୀ ଜିନ୍ନୟୀ ସାହାଣୀ। ଗତକାଲି ପାରାଦୀପଗଡ଼ରୁ ପ୍ରଭୁ ଲୋକନାଥ ମନ୍ଦିରରେ ପୂଜା କରି ତାଙ୍କର ନିର୍ବାଚନ ପ୍ରଚାରର ଶୁଭାରମ୍ଭ କରିଥିଲେ। ପାରାଦୀପଗଡ଼ ହେଉଛି କମ୍ରେଡ୍ ଗୌରହରି ନାୟକଙ୍କ ମାଟି। ଅନ୍ୟମାନେ ପ୍ରଚାର ଓ ବୁଲାବୁଲି ପାଇଁ ବଡ ବଡ ଗାଡି ବ୍ୟବହାର କରୁଥିବା ବେଳେ ଜିନ୍ନୟୀ ବାଇକ୍ ଓ ସାଇକେଲ ଯୋଗେ ଗାଁ ଓ ଘର ଘର ବୁଲି ଲୋକଙ୍କ ସେମାନଙ୍କ ଦାୟିତ୍ୱ ନେଇ ସଚେତନ କରିବା ସହ ଅଞ୍ଚଳର ମୌଳିକ ସମସ୍ୟା, ନିଯୁକ୍ତି, ସ୍ୱାସ୍ଥ୍ୟ, ଶିକ୍ଷା ତଥା ପାନୀୟ ଜଳ ସମସ୍ୟା ନେଇ ଶାସକ ଦଳ ଉପରେ କଡା ଟିପ୍ପଣୀ ଦେବା ସହ ପ୍ରଚାରକୁ ତୀବ୍ର କରିଛନ୍ତି।

# ତହସିଲଦାରଙ୍କ ବୁଥ୍ ତଦାରଖ

ଏରସମା, ୨୪।୪(ସମିସ): ଏରସମା ବ୍ଲକ ୪ନଂ ଜୋନ୍‌ରେ ନିର୍ବାଚନ ପାଇଁ ବୁଥ ତଦାରଖ କରିଛନ୍ତି ତହସିଲଦାର। ସୋମବାର ପୂର୍ବାହ୍ନରେ ଏରସମା ତହସିଲଦାର, ନୂଆଗାଁ ରାଜସ୍ୱ ନିରୀକ୍ଷକ ଚନ୍ଦନ ବେହେରା ନୂଆଗାଁ, ଗଡ଼କୁଜଙ୍ଗ, ନୋଳିଆ ସାହି ଡ଼ିଙ୍କିଆ ବିଦ୍ୟାଳୟରେ ହେଉଥିବା ବୁଥ ଗୃହ ପରିଦର୍ଶନ କରିଛନ୍ତି। ହେବାକୁ ଥିବା ବୁଥରେ ବିଦ୍ୟୁତ୍ ସଂଯୋଗ ଅଛି କି ନାହିଁ, ପାନୀୟ ଜଳର ସୁବିଧା, ଭିନ୍ନକ୍ଷମ ଭୋଟର ବୁଥ୍‌କୁ ଯିବା ପାଇଁ ସୁବିଧା, ପୁରୁଷ ଓ ମହିଳା ଶୌଚାଳୟ ସୁବିଧା ଅଛି କି ନାହିଁ ତଦାରଖ କରିଥିଲେ। ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ ସମୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ ସହଯୋଗ କରିବା ସହିତ ଅସୁବିଧା ସମ୍ପର୍କରେ ତହସିଲଦାରଙ୍କୁ ଅବଗତ କରିଥିଲେ।

# ବ୍ୟାଙ୍କ ପକ୍ଷରୁ ଋଣ କିସ୍ତି ଖିଲାପକାରୀଙ୍କ ସମ୍ପତ୍ତି ଅଧିଗ୍ରହଣ



ଜଗତସିଂହପୁର, ୨୪।୪(ସମିସ): ପାରାଦୀପ ଶାଖା କାନାରା ବ୍ୟାଙ୍କରେ ଗୃହ ବନ୍ଧକ ରଖି ଋଣ ନେଇଥିବା ପାରାଦୀପ ଗଡ଼ ଅଞ୍ଚଳର ଜୈନିକ ଋଣୀ କିସ୍ତି ସୁଝିବାରେ ବିଫଳ ହେବାରୁ ବ୍ୟାଙ୍କ ପକ୍ଷରୁ ଉକ୍ତ ଗୃହ ସମେତ ସମ୍ପତ୍ତିକୁ ଅଧିଗ୍ରହଣ କରାଯାଇଛି।ସୂଚନା ଅନୁସାରେ, ପାରାଦୀପଗଡ଼ର ସୁଶାନ୍ତ କୁମାର ସ୍ୱାଇଁ ପାରାଦୀପ କାନାରା ବ୍ୟାଙ୍କ ଶାଖାରୁ ୨୭-୦୫-୨୦୧୧ରେ ୩୨, ୯୦, ୦୦୦ ଟଙ୍କା ନିଜ ଗୃହକୁ ବନ୍ଧକ ରଖି ଋଣ ନେଇ ଥିଲେ। ଏହା ପରେ ନିୟମ ଅନୁସାରେ କିସ୍ତି ଦେବାରେ ବିଫଳ ହେବା ସହିତ ଋଣ ଓ ସୁଧ ଟଙ୍କା ପରିଶୋଧ ନକରିବାରୁ ଏସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଉକ୍ତ ଋଣୀଙ୍କ ବିରୋଧରେ ଜଗତସିଂହପୁର କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାର ବିଚାରକରି କୋର୍ଟ ବନ୍ଧକ ଥିବା ସମ୍ପତ୍ତି ଦଖଲ ଲାଗି ନିର୍ଦ୍ଦେଶ ଦେଇଥିଲେ।ପାରାଦୀପ ଲକ ଥାନାର ଅଧିକାରୀ କୁଳମଣି ସେଠୀ, ବ୍ୟାଙ୍କର ମୁଖ୍ୟ ପରିଚାଳକ ସପନ ରାଜନଙ୍କ ତତ୍ତ୍ୱାବଧାନରେ ୨୨-୦୪-୨୦୨୪ ରେ ଉକ୍ତ ସମ୍ପତ୍ତିକୁ ବ୍ୟାଙ୍କ ନିଜ ଦଖଲକୁ ନେଇଥିବା ଜଣାପଡ଼ିଛି।

# ଡିକି ଭାଙ୍ଗି ଭ୍ୟାନିଟ୍ ନେଇଗଲେ ଦୁର୍ବୃତ୍ତ

ପାରାଦୀପ, ୨୪।୪ (ସମିସ) : ପାରାଦୀପ ଅଞ୍ଚଳରେ ଲୁଟେରାଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବଢ଼ି ଚାଲିଛି।ସୁନା ଜିନିଷ, ଟଙ୍କା ଆଦି ଛଡାଇ ନେଉଥିବା ବେଳେ ଆଜି ଦିନ ଦ୍ୱିପ୍ରହରରେ ଗଲ୍ଫ ପଡ଼ିଆରେ ଥୁଆହୋଇଥିବା ଜଣେ ମହିଳାଙ୍କ ସ୍କୁଟି ଡିକି ଭାଙ୍ଗି ଏକ ଭ୍ୟାନିଟ୍ ଚୋରି କରିନେଇଛି ଲୁଟେରା।ସୂଚନା ମୁତାବକ ପାରାଦୀପ ଗଲଫ୍ ଫିଲ୍ଡରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବା ଲାଗି ବିଜୁ ଜନତା ଦଳର ନାରୀନେତ୍ରୀ ନଳିନୀ ପ୍ରଭା ସାହୁ ଯାଇଥିବା ବେଳେ, ଏହାର ସୁଯୋଗରେ କେହି ଦୁର୍ବୃତ୍ତ ସେଠାରେ ଥିବା ଶ୍ରୀମତୀ ସାହୁଙ୍କ ହୋଣ୍ଡା ଆକ୍ଟିଭା ସ୍କୁଟିର ଡିକି ଭାଙ୍ଗି ତାଙ୍କର ଭ୍ୟାନିଟ୍ ବ୍ୟାଗ୍ ଉଠାଇ ନେଇଯାଇଛି। ଭ୍ୟାନିଟ୍ ରେ ରିଏଲ ମି କମ୍ପାନୀର ଏକ ଦାମୀ ମୋବାଇଲ୍ ସେଟ୍, ଷ୍ଟେଟ୍ ବ୍ୟାଙ୍କ୍ ଓ କାନାଡା ବ୍ୟଙ୍କ୍ ର ଦୁଇଟି ଏଟିଏମ କାଡ୍‌ର୍, ଗୋଟିଏ ପେନ୍ ଡ୍ରାଇଭ୍, ନଗଦ ୨୦୦ ଟଙ୍କା ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ରହିଥିଲା। ଏ ସମ୍ପର୍କରେ ଆଜି ସନ୍ଧ୍ୟାରେ ଶ୍ରୀମତୀ ସାହୁ ପାରାଦୀପ ଆଦର୍ଶ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।ଏହି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ ସେଥିରେ ଥିବା ମୋବାଇଲର ଗୁରୁତ୍ୱ ଥିବାରୁ ଏହାର ତଦନ୍ତ କରିବାକୁ ସେ ଥାନା ଅଧିକାରୀଙ୍କୁ ନିବେଦନ କରିଛନ୍ତି।ଯେହେତୁ ଗଲ୍ ପଡ଼ିଆ ସର୍ବସାଧାରଣଙ୍କ ବ୍ୟବହାର ପାଇଁ ଉଦ୍ଦିଷ୍ଟ ସ୍ଥାନ ନୁହେଁ, କେବଳ ବନ୍ଦର ବ୍ୟବହାର ଉପଯୋଗୀ ସ୍ଥାନ, ତେବେ ଏହି ସ୍ଥାନକୁ ସାଧାରଣ ଲୋକ କିଭଳି ଯାଇ ଏଠାରୁ ଡିକି ଭାଙ୍ଗି ଲୁଟ କଲା ତାହା ଏବେ ସମସ୍ତଙ୍କୁ ଚକିତ କରିଛି।ସୂଚନା ଥାଉକି ପାରାଦୀପ ଅଞ୍ଚଳରେ ବହୁ ଜାଗାରେ ଏଭଳି ଲୁଟ ଘଟଣା ଘଟୁଛି।ପାରାଦୀପ ବାହାରୁ ଆସି ଅସାମାଜିକ ଯୁବକ ମାନେ ଜନ ଗହଳି ସ୍ଥାନରେ ଥୁଆ ହୋଇଥିବା କାର ବାଇକରୁ ଡିକି ଭାଙ୍ଗି ଏଭଳି ଲୁଟପାଟ କରୁଛନ୍ତି।ଏହା ଉପରେ ପୁଲିସ ନଜର ରଖିବାକୁ ସାଧାରଣ ରେ ଦାବି ହେଉଛି।

# ଘଟନୃତ୍ୟ ଗୁରୁ ଗୌରାଙ୍ଗ ରାଉଳଙ୍କ ଶ୍ରଦ୍ଧାଞ୍ଜଳି ସଭା



ଜଗତସିଂହପୁର, ୨୪।୪(ସମିସ): ମା' ସାରଳାଙ୍କ ନିତ୍ୟସେବକ ବିଶିଷ୍ଟ ଘଟନୃତ୍ୟ ଗୁରୁ ଗୌରାଙ୍ଗ ଚରଣ ରାଉଳଙ୍କ ଶ୍ରଦ୍ଧାଞ୍ଜଳି ସଭା ମଙ୍ଗଳବାର ସନ୍ଧ୍ୟାରେ ସାରଳା ମନ୍ଦିର ସମ୍ମୁଖସ୍ଥ ଦୋଳ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି।

ସାରଳା ସଂସ୍କୃତି ଗବେଷକ ରମାକାନ୍ତ ରାଉଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ, ମୁଖ୍ୟଅତିଥି ଭାବେ ସ୍ନେହମୟୀ ଆଚାର୍ଯ୍ୟ ଯୋଗଦେଇ କହିଲେ ଯେ, ଘଟନୃତ୍ୟ ଗୁରୁ ଗୌରାଙ୍ଗ ରାଉଳଙ୍କ କାଳଜୟୀ କଳା ତାଙ୍କୁ ଜନମାନସରେ ସବୁଦିନ ପାଇଁ ବଞ୍ଚାଇ ରଖିବ। ଏଥିରେ ସମ୍ମାନିତ ଅତିଥି ଭାବେ ତିର୍ତ୍ତୋଲ ବ୍ଲକ କଳାସଂସ୍କୃତି ପରିଷଦର ସଭାପତି ଶିଶିର କୁମାର ପଣ୍ଡା, ବରିଷ୍ଠ ସେବାୟତ ଲକ୍ଷ୍ମୀଧର ମହାପାତ୍ର, ଆଇନଜୀବୀ ମହେଶ ମହାନ୍ତି, ନୃସିଂହ ଚରଣ ରାଉଳ, କ୍ଷୀରୋଦ କୁମାର ରାଉଳ, ବ୍ରଜକିଶୋର ମଲ୍ଲିକ, ପଣ୍ଡିତ ଶରତ ଚନ୍ଦ୍ର ଦାଶ, ସିଦ୍ଧେଶ୍ୱର ପଣ୍ଡା, ବିଶ୍ୱରଞ୍ଜନ ରାଉଳ, ପ୍ରହ୍ଲାଦ କୁମାର ନାୟକ, ସଙ୍ଗୀତ ନିର୍ଦ୍ଦେଶକ ପ୍ରଭାକର ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଗୌରାଙ୍ଗ ରାଉଳ ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି କହିଥିଲେ। ପରେ ପରେ କୁଜଙ୍ଗ ଝିମାଣୀ ଗ୍ରାମର ଲଳିତ ଦାସୀ ସଂକୀର୍ତ୍ତନ ମଣ୍ଡଳୀର କଳାକାରମାନଙ୍କ ଦ୍ୱାରା ନାମ ସଙ୍କୀର୍ତ୍ତନ କାର୍ଯକ୍ରମ ପରିବେଷିତ ହୋଇଥିଲା।

# ବାର୍ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ

ଏରସମା, ୨୪।୪(ସମିସ): ଏରସମା ବାର୍ ଆସୋସିଏସନର ୨୦୨୪-୨୫ ବର୍ଷ ପାଇଁ ନବ ନିର୍ବାଚିତ କର୍ମକର୍ତ୍ତାମାନଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଛି। ଆୟୋଜିତ ଆଜିର ଉତ୍ସବରେ ନିର୍ବାଚନ ଅଧିକାରୀ ଆଡ଼ଭୋକେଟ ଶରତ ଚନ୍ଦ୍ର ପରିଡ଼ା ଓ ଆଡଭୋକେଟ ହରିହର ଓଝା ନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ଶପଥପାଠ କରାଇଥିଲେ। ସଭାପତି ଭାବେ ଆଡ଼ଭୋକେଟ ପ୍ରତାପ କୁମାର ରାଉତ, ଉପସଭାପତି ବିନୋଦ କୁମାର ଦାଶ, ସମ୍ପାଦକ ପ୍ରଭାତ କୁମାର ବହିରା, ଯୁଗ୍ମ ସମ୍ପାଦକ ପ୍ରଶାନ୍ତ ଦାଶ, ସହ ସମ୍ପାଦକ ସୁବୋଧ ପ୍ରଧାନ, କୋଷାଧ୍ୟକ୍ଷ ଚନ୍ଦ୍ରଭାନୁ ମଲ୍ଲିକ ଓ ପାଠାଗାର ସମ୍ପାଦିକା ଭାବେ ବୀଣାପାଣି ମଲ୍ଲିକ ଶପଥ ଗ୍ରହଣ କରିଥିଲେ।ଏହି ଅବସରରେ ଆଡ଼ଭୋକେଟ ସୁରେଶ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ବୈଠକରେ ବାର୍ ଆସୋସିଏସନର ସଦସ୍ୟମାନେ ଉପସ୍ଥିତ ରହି ସଂଗଠନକୁ ସୁଦୃଢ଼ କରିବା ସହିତ ପ୍ରତି ଦୁଇ ବର୍ଷରେ ବାରର ନିର୍ବାଚନ ପାଇଁ ନିଷ୍ପତ୍ତି ନିଆଯାଇଛି।ଏଥିସହିତ ବାରର ବିଭିନ୍ନ ଅଭାବ ଅସୁବିଧା ସମ୍ପର୍କରେ ଆଲୋଚନା କରାଯାଇଥିଲା।ଏହି ଅବସରରେ ଆଡ଼ଭୋକେଟ ନିକୁଞ୍ଜ କିଶୋର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ସ୍ୱାଧୀନତା ସଂଗ୍ରାମୀ ଭାଗୀରଥି ମହାପାତ୍ରଙ୍କ ଜୟନ୍ତୀ ପାଳିତ

ଜଗତସିଂହପୁର, ୨୪।୪(ସମିସ)

ମହାନ ସ୍ୱାଧୀନତା ସଂଗ୍ରାମୀ ଭାଗୀରଥି ମହାପାତ୍ରଙ୍କ ୧୦୨ତମ ଜୟନ୍ତୀ ଜଗତସିଂହପୁର ବ୍ଲକ ଅନ୍ତର୍ଗତ ପୁରୁଣାଗଡ଼ ଠାରେ ପାଳିତ ହୋଇଯାଇଛି। ରବୀନ୍ଦ୍ରନାଥ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅଲୋଚକ ଭାବେ ବଂଶୀଧର ଆଚାର୍ଯ୍ୟ ଯୋଗଦେଇ ସ୍ୱର୍ଗତ ଭାଗୀରଥି ମହାପାତ୍ର ଜଗତସିଂହପୁର ଚାଟରା ଗ୍ରାମର ମହାପାତ୍ର ପରିବାରର ସୁଯୋଗ୍ୟ ଦାୟାଦ ଥିଲେ ବୋଲି କହିଥିଲେ। ସେ ଓ ତାଙ୍କ ସହଧର୍ମିଣୀ (ଓଡ଼ିଶା ବିଧାନସଭାର ପ୍ରଥମ ମହିଳା ବିଧାୟିକା) ସରଳା ଦେବୀଙ୍କର ଭାରତର




ମୁକ୍ତି ସଂଗ୍ରାମକୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିବା କହିଥିଲେ।

ଅନ୍ୟତମ ଆଲୋଚକ ଭାବେ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଯୋଗଦେଇ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ସ୍ୱର୍ଗତ ଭାଗୀରଥି ମହାପାତ୍ର କେନ୍ଦ୍ରୀୟ ବ୍ୟବସ୍ଥାପକ ସଭାର ସଭ୍ୟ, ରାଜ୍ୟସଭାର ସଭ୍ୟ ଏବଂ ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ପ୍ରତିଷ୍ଠାତା ସମ୍ପାଦକ ଏବଂ ଐତିହାସିକ ଅଳକାଶ୍ରମର ଅନ୍ୟତମ ପ୍ରତିଷ୍ଠାତା ଭାବେ ତାଙ୍କ କାର୍ଯ୍ୟକୁଶଳତା ସବୁଦିନ ପାଇଁ ମନେରହିବ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ନିମ୍ନମାଧ୍ୟମିକ ଶିକ୍ଷକ ସଂଘର ସମ୍ପାଦକ ବିଜୟ ପତି, ନାରାୟଣ ଚନ୍ଦ୍ର ଦାଶ, ଘନଶ୍ୟାମ କାନୁନଗୋ, ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ, ରାମଚନ୍ଦ୍ର ଆଚାର୍ଯ୍ୟ, ସତ୍ୟବାଦୀ ଦାସ, ରମେଶ ସାହୁ, ବଂଶୀଧର ବିଶ୍ୱାଳ, ଚନ୍ଦ୍ରଶେଖର ରାୟ, ଶେଷଦେବ ଛୋଟରାୟ, ସତ୍ୟବାଦୀ ସାହୁ, ପ୍ରତାପ ରାଉତରାୟ, ବ୍ରହ୍ମାନନ୍ଦ ତ୍ରିପାଠୀ, ନିମାଇଁ ତ୍ରିପାଠୀ, ରବୀନ୍ଦ୍ର ଛୋଟରାୟ, ଅଜୟ କୁମାର ପତି ଓ ସୁଲଗ୍ନା ପତି ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ସତ୍ୟସାଇ ଭଜନ ମଣ୍ଡଳୀ ପକ୍ଷରୁ ଜଳଛତ୍ର



**ରାଜକନିକା, ୨୪।୪(ସମିସ):** ରାଜକନିକା ସତ୍ୟସାଇ ଭଜନ ମଣ୍ଡଳୀ ପକ୍ଷରୁ ଆଜି ସାଇବାବାଙ୍କ ଆରାଧନା ଦିବସ ଅବସରରେ ପଣା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ଆବାହକ ଗାଲେଖ ଚନ୍ଦ୍ର ଧଳଙ୍କ ତତ୍ତ୍ୱାବଧାନରେ ସଦସ୍ୟ ଅଜୟ କୁମାର କୁଣ୍ଡ, ଶରତ ଚନ୍ଦ୍ର ଓଝା, କପିଳ ଚରଣ ମିଶ୍ର, ମୁରଲୀଧର ନାୟକ, କଳାକାର ବିଶ୍ୱାଳ, ସୁଶାନ୍ତ ବେହେରା, ହରିହର ବେହେରା, ଅଭୟ କୁମାର ମହାନ୍ତି, ବିଦୁର ରାଉତ ପ୍ରମୁଖ ଏହି ସେବାରେ ସାମିଲ ହୋଇଥିଲେ।

## ବରିଷ୍ଠ ସାମ୍ବାଦିକଙ୍କ ପିତୃ ବିୟୋଗ

**କେନ୍ଦ୍ରାପଡ଼ା, ୨୪।୪(ସମିସ):** ବରିଷ୍ଠ ସାମ୍ବାଦିକ ତଥା ଦୈନିକ ଶୃତିର ଜିଲ୍ଲା ପ୍ରତିନିଧି ସଚ୍ଚିଦାନନ୍ଦ ବେହେରାଙ୍କ ପିତା ପିତାମ୍ବର ବେହେରା(୮୬)ଙ୍କର ବାର୍ଦ୍ଧକ୍ୟଜନିତ ରୋଗରେ ତାଙ୍କ ମଡିଆଳ(ପୁରୁଣା ମଟରଷ୍ଟାଣ୍ଡ ନିକଟ)ସ୍ଥିତ ବାସଭବନରେ ମଙ୍ଗଳବାର ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର, ପୁତ୍ରବଧୂ, ଝିଅ,ଜ୍ୱାଇଁ, ନାତି, ନାତୁଣୀ ଓ ପରିବାର ସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ବ୍ୟକ୍ତି ଭାବରେ ସାଧାରଣରେ ପରିଚିତ ଥିଲେ। ବିୟୋଗ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ରଣପଡା ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଜ୍ୟେଷ୍ଠପୁତ୍ର ସଚ୍ଚିଦାନନ୍ଦ ମୁଖାଗ୍ନି ଦେଇଥିଲେ।

### ୩ ନଳକୂପରୁ ୨ ଅଚଳ

# ଜଳକଷ୍ଟ ଭୋଗୁଛନ୍ତି ୱାର୍ଡବାସୀ

**ରାଜକନିକା,୨୪।୪(ସମିସ)**

ରାଜକନିକା ବ୍ଲକ ଅନ୍ତର୍ଗତ ନମତରା ପଞ୍ଚାୟତ ୧୨ ନମ୍ବର ୱାର୍ଡରେ ଥିବା ୩ଟି ନଳକୂପ ମଧ୍ୟରୁ ଦୁଇଟି ଅଚଳ ହୋଇପଡ଼ିଛି। ବାକି ଗୋଟିଏ ନଳକୂପ ଉପରେ ସମସ୍ତ ୱାର୍ଡବାସୀଙ୍କ ତୃଷା ମେଣ୍ଟୁଛି। ତାହା ପୁଣି ଅତି ଦୟନୀୟ। ଅଚଳ ନଳକୂପର ମରାମତି କରାଯିବାକୁ ୱାର୍ଡବାସୀ ଦାବି କରିଛନ୍ତି।

ସୂଚନା ମୁତାବକ, ଏହି ୱାର୍ଡରେ ପ୍ରାୟ ୫୦ ପରିବାର ଲୋକେ ବାସ କରନ୍ତି। ଲୋକସଂଖ୍ୟା ତିନିଶହରୁ ଅଧିକ ହେବ। ଦୈନନ୍ଦିନ ପାଣିର ଆବଶ୍ୟକତା ରହିଥିବାରୁ ଏଠାରେ ସରକାରୀ ଭାବେ ତିନୋଟି ନଳକୂପ ରହିଛି। ପ୍ରଥମଟି ଗାଁ ମୁଣ୍ଡ କମ୍ୟୁନିଟି ସେଣ୍ଟର ପାଖ ଥିବାବେଳେ ଅଙ୍ଗନବାଡ଼ି କେନ୍ଦ୍ର ବି ଏଠାରେ ରହିଛି। ଏଥିସହିତ ପାଖରେ ରହିଥିବା ଆଠଟି ପରିବାର ଏହି ନଳକୂପ ଉପରେ ନିର୍ଭରଶୀଳ। ଅନ୍ୟଟି ବୈକୁଣ୍ଠ ନାୟକଙ୍କ ଘର ପାଖରେ ରହିଛି। ଯାହା ଉପରେ ମୁଖ୍ୟତଃ ବହୁ ପରିବାର ମଧ୍ୟ ନିର୍ଭର କରିଥାଆନ୍ତି। ଅନ୍ୟ ନଳକୂପଟି ତାରିଣୀ ମନ୍ଦିର ଲକ୍ଷ୍ମୀଧର ସେଠୀଙ୍କ ଘର ପାଖରେ ରହିଛି। ହେଲେ ଏହି ତିନୋଟି ନଳକୂପ ମଧ୍ୟରୁ କମ୍ୟୁନିଟି ସେଣ୍ଟର ପାଖରେ ଥିବା ନଳକୂପଟି କେବେଠୁ ଭଙ୍ଗା ଦଦରା ଭାବେ ପଡି ରହି ଚଉତରାରେ ଘାସ ଉଠିଲାଣି। ତା' ସହିତ ପାଖରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରର ପିଲା ଏଥିପାଇଁ ପାଣିଟୋପେ ପାଇଁ ନାହିଁ ନ ଥିବା ହୀନସ୍ତା ଭୋଗୁଛନ୍ତି। ତାରିଣୀ ମନ୍ଦିର ପାଖରେ ଥିବା ନଳକୂପ ବି ଅଚଳ ହୋଇପଡ଼ିଛି। ତେବେ ବୈକୁଣ୍ଠ ନାୟକଙ୍କ ଘର ପାଖରେ ଥିବା ନଳକୂପଟି ସଚଳ ଥିବାରୁ ତାହା ଉପରେ ସମସ୍ତ ୱାର୍ଡବାସୀଙ୍କ ଚାପ ପଡୁଛି। ଏମିତିକି ଭୋର୍ ୩ଟାରୁ ଗରା, ମାଠିଆ ଧରି ମହିଳାମାନେ ଲମ୍ବା ଧାଡ଼ି ବାନ୍ଧି ପାଣି ବୋହୁଛନ୍ତି। ଯଦି ଏହି ନଳକୂପଟି ଅଚଳ ହୋଇ ପଡିବ ତେବେ ସବୁ ୱାର୍ଡବାସୀ ବିକଳ୍ପ ଭାବେ ନଦୀ ପାଣିକୁ ହିଁ ପାନୀୟଜଳ ରୂପେ ବ୍ୟବହାର କରିବେ ବୋଲି ମହିଳାମାନେ କହୁଛନ୍ତି। ଦୁଇ ଦୁଇଟି ନଳକୂପ ଅଚଳ ହେବା ପରେ ବିଭାଗୀୟ ଅଧିକାରୀଙ୍କ ପାଖରେ ଖବର ଥିଲେ ବି ଏଯାଏ ମରାମତି ହେଲାନାହିଁ। ଫଳରେ ଜଳକଷ୍ଟ ଭୋଗୁଛନ୍ତି ୱାର୍ଡବାସୀ। ପ୍ରଚଣ୍ଡ ରୌଦ୍ରତାପ ସମୟରେ ଦୁଇଟି ନଳକୂପ ଅଚଳ ହେବା ଦ୍ୱାରା ଉପୁଜି ଥିବ ଜଳକଷ୍ଟକୁ ଲାଘବ କରିବା ପାଇଁ ବିଭାଗୀୟ ଉଚ୍ଚାଧିକାରୀ ତୁରନ୍ତ ପଦକ୍ଷେପ ନେବାକୁ ସୁରଥ ରାଉତ, ତୁଳସୀ ନାୟକ, ଲକ୍ଷ୍ମୀଧର ସେଠୀ, କପିଳ ସେଠୀ, ବାବୁ ସେଠୀ, ପ୍ରଫୁଲ୍ଲ ରାଉତ, ନାରାୟଣ ସେଠୀ, ପଞ୍ଚାନନ ସ୍ୱାଇଁ ପ୍ରମୁଖ ଦାବି କରିଛନ୍ତି।





### ଗୁଲନଗର ବୁଢ଼ା ଗୋବିନ୍ଦଜୀୟୁଙ୍କ ଜମି ହଡପ ମାମଲା

## ସୁପ୍ରିମକୋର୍ଟଙ୍କ ଆଦେଶକୁ ଅମାନ୍ୟ, ଜିଲ୍ଲାପାଳଙ୍କୁ ଅଭିଯୋଗ

**କେନ୍ଦ୍ରାପଡ଼ା,୨୪।୪(ସମିସ):** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗୁଲନଗର ଗ୍ରାମର ବୁଢା ଗୋବିନ୍ଦଜୀୟୁଙ୍କ ଜମି ଜବରଦଖଲ ମାମଲା ସୁପ୍ରିମକୋର୍ଟରେ ଚାଲୁଛି। ସୂଚନାଯୋଗ୍ୟ ଯେ ତିନିମୁହାଣୀସ୍ଥିତ ବୁଢା ଗୋବିନ୍ଦଜୀୟୁଙ୍କ ଜମିକୁ କିଛି ଅସାଧୁ ବ୍ୟବସାୟୀ ଜବରଦଖଲ କରି ବହୁଦିନ ହେବ ବ୍ୟବସାୟ କରୁଛନ୍ତି। ଏହି ଘଟଣାକୁ ବିଚାର କରି ଗତ ୨୦୨୧ ମସିହା ଅକ୍ଟୋବର ୬ ତାରିଖରେ ସୁପ୍ରିମକୋର୍ଟ ଏକ ଅନ୍ତରୀଣ ଆଦେଶ ଦେଇଥିଲେ ଯେ ମାମଲା ଶେଷ ହେବା ପର୍ଯ୍ୟନ୍ତ ଯେଉଁ ବ୍ୟବସାୟୀମାନେ ଏହି ଜମି ଉପରେ ଘର କରି ବ୍ୟବସାୟ କରୁଛନ୍ତି ସେମାନେ ପ୍ରଶାସନ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ପ୍ରତିମାସରେ ଦେୟ ବୁଢାଗୋବିନ୍ଦଜୀୟୁଙ୍କ ବ୍ୟାଙ୍କ ଖାତାରେ ଦାଖଲ କରିବାକୁ। ଏଥିସହିତ ଯେଉଁ ବ୍ୟବସାୟୀମାନେ ଯଦି ମାସିକ ଭଡା ନ ଦିଅନ୍ତି ତେବେ ସେମାନଙ୍କୁ ସେହି ସ୍ଥାନରୁ ଉଚ୍ଛେଦ କରାଯିବାକୁ ପ୍ରଶାସନକୁ ସର୍ବୋଚ୍ଚ ନ୍ୟାୟାଳୟ ଆଦେଶ ଦେଇଥିଲେ। କିନ୍ତୁ ଏହା ଭିତରେ ୪୦ ମାସ ବିତିଯାଇଥିଲେ ସୁଦ୍ଧା ସେମାନେ ଏହି ଆଦେଶକୁ ବେଖାତିର କରି ବ୍ୟବସାୟ ଚାଲୁ ରଖିଛନ୍ତି। ତେଣୁ ବୁଢାଗୋବିନ୍ଦଜୀୟୁ ଟ୍ରଷ୍ଟବୋର୍ଡର ଟ୍ରଷ୍ଟି ଉପେନ୍ଦ୍ର କରଙ୍କ ନେତୃତ୍ୱରେ ଗୁଲନଗର ବାସିନ୍ଦାମାନେ ମଙ୍ଗଳବାର ଦିନ ଜିଲ୍ଲାପାଳଙ୍କୁ ଏହି ବିଷୟରେ ଏକ ଦାବିପତ୍ର ଦେଇଛନ୍ତି।

### ଭିଜିଲାନ୍ସ ମାମଲାରେ କିରାଣି ଦଣ୍ଡିତ

## ୨ ବର୍ଷ ଜେଲ ଓ ୫ ହଜାର ଟଙ୍କା ଜରିମାନା

**କଟକ,୨୪।୪(ସମିସ):** ଲାଞ୍ଚ ମାଗିବା ଅଭିଯୋଗ ସଂକ୍ରାନ୍ତ ମାମଲାର କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଶୁଣାଣି କରି କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକର ପୂର୍ବତନ କିରାଣି ତଥା ଡିଲିଂ ଆସିଷ୍ଟାଣ୍ଟ ମାଧବଚନ୍ଦ୍ର ଆ.ର୍ଯ୍ୟଙ୍କୁ ଦୁର୍ନୀତି ନିବାରଣ ଆଇନର ଧାରା ୧୩(୨), ୧୩(୧) (ଡି) ଓ ୭ରେ ଶ୍ରୀ ଆଚାର୍ଯ୍ୟଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଦାଲତ ଶ୍ରୀ ଆଚାର୍ଯ୍ୟଙ୍କୁ ୨ବର୍ଷ ସଶ୍ରମ ଜେଲ ଓ ୫ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରର ଶ୍ରୀ ଆଚାର୍ଯ୍ୟଙ୍କୁ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗ କରିବାକୁ ପଡ଼ିବ ବୋଲି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ମହାକାଳପଡ଼ା ତହସିଲ କାର୍ଯ୍ୟାଳୟରେ ବରିଷ୍ଠ କିରାଣି ଭାବେ କାର୍ଯ୍ୟରତ ଶ୍ରୀ ଆଚାର୍ଯ୍ୟଙ୍କୁ ଚାକିରିରୁ ବରଖାସ୍ତ କରିବା ପ୍ରସଙ୍ଗରେ ପଦକ୍ଷେପ ଗ୍ରହଣ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଭିଜିଲାନ୍ସ ତରଫରୁ ଅବଗତ କରାଯିବ।

ମାମଲାର ବିବରଣୀରୁ ପ୍ରକାଶ ଯେ, ଇନ୍ଦିରା ଆବାସ ଯୋଜନରେ ଘର ନିର୍ମାଣ ପାଇଁ ପ୍ରଥମ କିସ୍ତି ଚେକ୍ ଦେବା ପାଇଁ ଜଣେ ହିତାଧିକାରୀଙ୍କୁ ଶ୍ରୀ ଆଚାର୍ଯ୍ୟ ଲାଞ୍ଚ ମାଗିଥିବା ଅଭିଯୋଗ ହୋଇଥିଲା। ଏନେଇ କଟକ ଭିଜିଲାନ୍ସ ମାମଲା ରୁଜୁ କରିଥିଲା। ଅଭିଯୋଗକାରୀଙ୍କ ନିକଟରୁ ଲାଞ୍ଚ ନେବା ବେଳେ ସେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। କଟକ ଭିଜିଲାନ୍ସ ଡିଭିଜନର ପୂର୍ବତନ ଇନ୍ସପେକ୍ଟର ଜ୍ଞାନରଞ୍ଜନ ମିଶ୍ର ଘଟଣାର ତଦନ୍ତ କରିଥିଲେ। ଭିଜିଲାନ୍ସ ତରଫରୁ ଏସପିପି ସର୍ବେଶ୍ୱର ବାରିକ ଓ ଏପିପି ଦୀପକ କୁମାର ସ୍ୱାଇଁ ମାମଲା ପରି.ଳନା କରିଥିଲେ।

## ଜଳସେବା କେନ୍ଦ୍ର ମାଧ୍ୟମରେ ଭୋଟର୍ ସଚେତନତା

**କେନ୍ଦ୍ରାପରା,୨୪।୪(ସମିସ):** ଆସନ୍ତା ଜୁନ୍ ୧ ତାରିଖରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଏକକାଳୀନ ଉଭୟ ଲୋକସଭା ଓ ବିଧାନସଭା ପାଇଁ ନିର୍ବାଚନ ତାରିଖ ଚୂଡ଼ାନ୍ତ ହୋଇଛି। ଏହି ନିର୍ବାଚନରେ ଶତପ୍ରତିଶତ ଭୋଟଦାନ ପାଇଁ ବ୍ୟାପକ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଭିନବ ଶୈଳୀରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି କ୍ରମରେ ଜଳସେବା କେନ୍ଦ୍ର ମାଧ୍ୟମରେ ଭୋଟରଙ୍କୁ ସଚେତନ କରିବାକୁ ଆଜିଠୁ ଜିଲ୍ଲା ପ୍ରଶାସନ ଅଭିଯାନ ଆରମ୍ଭ କରିଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆଜି ଜଳସେବା କେନ୍ଦ୍ର ଉଦ୍‌ଘାଟନ କରି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ କହିଛନ୍ତି, ଭୋଟଦାନ ହେଉଛି ଏକ ସାମ୍ବିଧାନିକ ଅଧିକାର। ରାଜ୍ୟ ରାଜନୀତିର ପ୍ରମୁଖ ଜିଲ୍ଲା ଭାବେ ପରିଚିତ କେନ୍ଦ୍ରାପଡ଼ାର ସମସ୍ତ ଭୋଟର୍ ଆଗେଇ ଆସନ୍ତୁ ଓ ନିଜର ମତ ସାବ୍ୟସ୍ତ କରି ଗଣତାନ୍ତ୍ରିକ ବିଧିବ୍ୟବସ୍ଥାକୁ ଅଧିକ ମଜବୁତ୍ କରନ୍ତୁ। ମୁଁ ମତଦାନ କରିବି ନିଶ୍ଚୟ, ଏହି ଶପଥ ସଭିଏଁ ନିଅନ୍ତୁ। ଭୋଟରଙ୍କୁ ଅଧିକ ଆକୃଷ୍ଟ କରିବା ପାଇଁ ପ୍ରାଥମିକ ସ୍ତରରେ ସମସ୍ତ ବ୍ଲକ୍‌ରେ ମୋଟ୍ ୫୦ଟି ଜଳସେବା କେନ୍ଦ୍ରରେ ଏହି ସଚେତନତା କାର୍ଯ୍ୟକ୍ରମ ଚାଲୁ ରହିବ। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଆଳି ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ପୀତାମ୍ବର ସାମଲ, ରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ନିଲୁ ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, କେନ୍ଦ୍ରାପଡ଼ା ଓ ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ରବୀନ୍ଦ୍ର କୁମାର ପ୍ରଧାନ, ମହାକାଳପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଅଶୋକ କୁମାର ଦାଶ, ଉପ-ଜିଲ୍ଲା ନିର୍ବାଚନ ଅଧିକାରୀ ରମେଶ ଚନ୍ଦ୍ର ପଣ୍ଡା, ମିଶନ ଶକ୍ତିର ପ୍ରକଳ୍ପ ସଂଯୋଜକ କୈଳାସ ଚନ୍ଦ୍ର ସେନାପତି, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଜିଲ୍ଲା କାର୍ଯ୍ୟାଳୟର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।





## ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା




**ରାଜକନିକା, ୨୪।୪(ସମିସ):** ଆଜି ପୂର୍ବାହ୍ନ ୧୧ ଘଟିକା ସମୟରେ କାଟଣାସ୍ଥ ତାରାମଣି କପିଳେଶ୍ୱର ଉଚ୍ଚ ବିଦ୍ୟାଳୟରେ ମଦରଙ୍ଗାପାଟ ଆଞ୍ଚଳିକ ସାଧନ କେନ୍ଦ୍ରର ପୂର୍ବତନ ପ୍ରଥମ ସିଆରସିସି ତଥା ଧାମରା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରୁ ଗତବର୍ଷ ନଭେମ୍ବର ୩୦ ତାରିଖରେ ଅବସର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷକ ପ୍ରତାପ କେଶରୀ ମିଶ୍ରଙ୍କୁ ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନସ୍ଥ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଦ୍ୱାରା ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି କେନ୍ଦ୍ରର ବରିଷ୍ଠ ଶିକ୍ଷକ ମୁରଲୀଧର ଦାସଙ୍କ ସଭାପତିତ୍ୱରେ ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ରାଜକନିକା ମଣ୍ଡଳ ଶିକ୍ଷାଧିକାରୀ ବାବାଜୀ ଚରଣ ବାରିକ, ମୁଖ୍ୟବକ୍ତା ଭାବେ ଏଲିମେଣ୍ଟାରି ସଂଘର ସଭାପତି ପ୍ରଦୀପ୍ତ କୁମାର ଦାସ, ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିଦାମ୍ବର ପତି ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ନାରାୟଣ ଚନ୍ଦ୍ର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଆଲୋକ କୁମାର ମାଝୀ ଧନ୍ୟବାଦ ପ୍ରସ୍ତାବ ରଖିଥିଲେ। ଏସମସ୍ତ କାର୍ଯ୍ୟକ୍ରମ ସିଆରସିସି ମହେନ୍ଦ୍ର କୁମାର ମାହୁନ୍ତଙ୍କ ସଂଯୋଜନା କରିଥିଲେ।

### ଗଣ୍ଡିକିପୁରରେ ମଦ ତିଆରି ଘଟଣା

## ଅଧିକ ତଦନ୍ତ ହେଲେ ଗୁମର ଫିଟିବ

**କୁଜଙ୍ଗ, ୨୪।୪(ସମିସ):** କୁଜଙ୍ଗ ଥାନା ଗଣ୍ଡକିପୁର ଅଞ୍ଚଳରେ ଅବକାରୀ ବିଭାଗ ପାରାଦୀପ ପକ୍ଷରୁ ଏକ ବେଆଇନ ମଦ ତିଆରି ଘଟଣା ନେଇ ଜଣେ ସାଧାରଣ ଗରିବ ଲୋକଙ୍କୁ ଗିରଫ କରାଯାଇଛି। ଏହି ଘଟଣାକୁ ନେଇ ଗ୍ରାମବାସୀ ତଥା ପରିବାର ଲୋକ ଭିନ୍ନ ଅଭିଯୋଗ କରିବା ସହ ଘଟଣାର ପ୍ରକୃତ ତଦନ୍ତ ହେଲେ ପ୍ରକୃତ ସତ୍ୟ ପଦାକୁ ଆସିବ ବୋଲି କହିଛନ୍ତି। ଲୋକଙ୍କ ଅଭିଯୋଗ ପରେ ଏବେ ଏହି ଘଟଣାରେ ଅବକାରୀ ବିଭାଗର ପଦକ୍ଷପ ଓ ଭୂମିକାକୁ ନେଇ ସନ୍ଦେହ କରିବା ଆରମ୍ଭ କଲେଣି। ପ୍ରକାଶଯେ ଗତକାଲି ରାତିରେ ଅବକାରୀ ବିଭାଗର ଏକ ଟିମ ଚଢଉ କରି ବହୁ ସାମଗ୍ରୀ ପାଇବା ସହ ରମାକାନ୍ତ ସାହୁ ନାମକ ଜଣେ ଗରିବ ଲୋକଙ୍କୁ ଗିରଫ କରିଛନ୍ତି। ଏହି ଘଟଣାରେ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଘଟଣା ପ୍ରକୃତ ସତ୍ୟ ନା ଏହା ଏକ ରଚନାତ୍ମକ କାର୍ଯ୍ୟ ତାହାକୁ ନେଇ ସାଧାରଣରେ କୌତୁହଳ ପ୍ରକାଶ ପାଇଛି। ପ୍ରକାଶଯେ ଗତ ଦୁଇଦିନ ତଳେ ରମାକାନ୍ତ ତାଙ୍କ ଝିଅକୁ ବିବାହ ଦେଇଛନ୍ତି। ତାଙ୍କ ଝିଅକୁ କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ଥାନା ଅଞ୍ଚଳର ଜଣେ ଉଦ୍‌ଭ୍ରାନ୍ତ ଯୁବକ ଏକ ତରଫା ପ୍ରେମ କରୁଥିଲା ବୋଲି ଆଜି ପରିବାର ପକ୍ଷରୁ ସଙ୍ଗୀନ ଅଭିଯୋଗ ହୋଇଛି। ଏହି ଉଦ୍‌ଭ୍ରାନ୍ତ ଯୁବକ ଜଣେ ଚୋରା ମଦ ବ୍ୟବସାୟୀ ଓ ଏକ ତରଫା ପ୍ରେମ କରୁଥିବା ଯୁବତୀର ପିତାଙ୍କୁ ଉଚିତ ଶିକ୍ଷା ଦେବା ନିମନ୍ତେ ତାର ଘର ନିକଟରେ ମଦ ରଖି ରମାକାନ୍ତ ସାହୁଙ୍କୁ ଫସାଇଛନ୍ତି ବୋଲି ବହୁ ଗ୍ରାମବାସୀ ଓ ରମାକାନ୍ତଙ୍କ ପତ୍ନୀ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ଉଦ୍‌ଭ୍ରାନ୍ତ ଯୁବକ ରମାକାନ୍ତ ଝିଅକୁ ପ୍ରେମ ନିବଦେନ କରି ବିଫଳ ହେବାରୁ ରମାକାନ୍ତ ସାହୁଙ୍କ ଭାଇଙ୍କ କୁଜଙ୍ଗ ବଜାରରେ ଥିବା ଦୋକାନ ଯାଇ ଧମକ ଦେବା ସହ ରମାକାନ୍ତଙ୍କ ଝିଅକୁ କୌଶଳ କରି ମୋବାଇଲରେ ରଖିଥିବା ଫଟୋ ଭାଇରାଲ କରିବାର ଧମକ ଦେବା, ରମାକାନ୍ତ ପରିବାରକୁ ଭିନ୍ନ ସମୟରେ ଧମକ ଦେବା ଏହି ଘଟଣାର ଭିନ୍ନ ଦିଗକୁ ସୂଚାଉଥିବା ବେଳେ ରମାକାନ୍ତଙ୍କ ପତ୍ନୀ ସନ୍ଧ୍ୟାରାଣୀ ତାଙ୍କ ପରିବାରକୁ ନ୍ୟାୟ ପାଇଁ ଅବକାରୀ ବିଭାଗର ସୁପରିନଟେଣ୍ଡେଣ୍ଟ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ତାଙ୍କ ପରିବାର ବିରୋଧରେ ଏକ ସୁଚିନ୍ତିତ ଷଡଯନ୍ତ୍ର କରାଯାଇଛି ବୋଲି ଅଭିଯୋଗ କରିଛନ୍ତି। ଘଟଣାର ଉପଯୁକ୍ତ ତଦନ୍ତ୍ ହେଲେ ବହୁ ଗୁମର ପଦାକୁ ଆସିବ ବୋଲି ଗ୍ରାମବାସୀ କହିଛନ୍ତି। ଏହି ଘଟଣାରେ ଗ୍ରାମରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ଯଦି କିଛିଦିନ ଧରି ଚୋରା ମଦ ତିଆରି ଚାଲିଛି ତେବେ ଚୋରା ଅବକାରୀ କାରାବାରରେ ଦୃଢ ଅଙ୍କୁଶ ଲଗାଉଥିବା କୁଜଙ୍ଗ ପୁଲିସ କିପରି ଜାଣିପାରିଲାନି ତାହାକୁ ନେଇ ସାଧାରଣରେ ଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅବଶ୍ୟ ଅବକାରୀ ବିଭାଗର ଅଧିକାରୀ କହିଛନ୍ତି ଘଟଣାର ମାଷ୍ଟର ମାଇଣ୍ଡ ନିକଟରେ ଅବକାରୀ ବିଭାଗ ପହଞ୍ଚିବ।

### ନିରବଦ୍ରଷ୍ଟା ସାଜିଛି ପ୍ରଶାସନ

# ପାଇକା ନଦୀରୁ ବେଆଇନ ବାଲି ଉତ୍ତୋଳନ ଅଭିଯୋଗ

**ଜଗତସିଂହପୁର, ୨୪।୪(ସମିସ)**

ସୁପ୍ରିମକୋର୍ଟ ଓ ଏନଜିଟିଙ୍କ ନିର୍ଦ୍ଦେଶନାମାରେ ବାଲି ଉଠାଣ ଉପରେ ବହୁ ପ୍ରତିବନ୍ଧକ ଥିବା ସତ୍ତ୍ୱେ ବାଲି ମାଫିଆମାନେ ଜିଲ୍ଲା ପ୍ରଶାସନ, ଖଣି ବିଭାଗ, ପୁଲିସ ଓ ଆରଟିଓଙ୍କୁ ଚକମା ଦେଖାଇ ତିର୍ତ୍ତୋଲ୍ ତହସିଲ ଅନ୍ତର୍ଗତ କୋଲରଠାରେ ପାଇକା ନଦୀ ଗର୍ଭରୁ ମନଇଛା ୧୦ରୁ ୧୫ ଫୁଟ ଗଭୀର ବାଲି ଉଠାଣ କରୁଛନ୍ତି। ଯାହା ଦ୍ୱାରା ପରିବେଶଜନିତ ବହୁ ସମସ୍ୟା ସୃଷ୍ଟି ହେବା ସହିତ ନଦୀ ବନ୍ଧ ଓ ସେତୁ ପ୍ରତି ବିପଦ ସୃଷ୍ଟି କରିଛି। ଏସବୁକୁ ଦୃଷ୍ଟିରେ ରଖି କୋର୍ଟ ମଧ୍ୟ ଜେସିବିରେ ବାଲି ଉଠାଣକୁ ବନ୍ଦ କରିବା ସହିତ ବାଲି ଉଠାଇ ମହଜୁଦ କରି ରଖିବା, ନଦୀ ଗର୍ଭରେ ବନ୍ଧ ତିଆରି କରିବା ଜଳାଶୟକୁ ପୋତିବା ଓ ରାସ୍ତା ନିର୍ମାଣ କରିବା ବେଆଇନ ଘୋଷଣା କରିଛନ୍ତି। ମାତ୍ର ବାଲି ମାଫିଆମାନେ ସାଧାରଣ ଜନତାଙ୍କ ସ୍ୱାର୍ଥ ଓ କୋର୍ଟଙ୍କ ନିର୍ଦ୍ଦେଶନାମାକୁ ଅବାଜ୍ଞା କରି ପ୍ରତିଦିନ ରାତିରେ ଜେସିବି ମେସିନ ଲଗାଇ ଶହ ଶହ ଟ୍ରିପ ବାଲି ଉତ୍ତୋଳନ କରୁଛନ୍ତି। ପାଇକା ସେତୁଠାରୁ ପଶ୍ଚିମକୁ ଦୁଇ କିମି ପର୍ଯ୍ୟନ୍ତ ପାଇକା ନଦୀ ଗର୍ଭରେ ବେଆଇନ ବାଲି ବନ୍ଧ କରିବା ସହିତ ନଦୀ ସ୍ରୋତ ପ୍ରବାହିତ ଅଞ୍ଚଳରେ ହ୍ୟୁମ ପାଇପ ବିଛାଇ ଏହା ଉପରେ ରାସ୍ତା ତିଆରି କରି ବାଲି ପରିବହନ କରୁଛନ୍ତି। ଅଢାପତି ଘାଟ ନିକଟରେ ୩ଟି ଜେସିବି ମେସିନ ଦିନରେ ବନ୍ଦ ରଖିବା ସହିତ ସନ୍ଧ୍ୟାଠାରୁ ସକାଳ ପର୍ଯ୍ୟନ୍ତ ଏହା ମାଧ୍ୟମରେ ନଦୀରୁ ଶହ ଶହ ଟ୍ରିପ ବାଲି ଉତ୍ତୋଳନ କରାଯାଉଥିବା ଅଭିଯୋଗ ହେଉଛି।

ସୂଚନା ଅନୁସାରେ, ପାରାଦୀପ ବନ୍ଦରାଞ୍ଚଳ ଓ ଏହାର ଆଖପାଖରେ ବୃହତ ଶିଳ୍ପ ସଂସ୍ଥା ଗୁଡିକ ଗଢି ଉଠିଛି। ଏଠାରେ ଚାଲିଥିବା ବ୍ୟାପକ ନିର୍ମାଣ କାର୍ଯ୍ୟ ପାଇଁ ପ୍ରତିଦିନ ଶହ ଶହ ଟ୍ରକ ବାଲିର ଆବଶ୍ୟକତା ପଡୁଛି। ଏହି ସୁଯୋଗରେ ଜିଲ୍ଲାର ବିଭିନ୍ନ ବାଲିସୋ÷ରାତଗୁଡିକ ମାଫିଆମାନଙ୍କ ଦ୍ୱାରା ଲୁଟ ହେବାରେ ଲାଗିଛି। ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣ ରୋକିବାକୁ ନିୟମ ରହିଥିଲେ ମଧ୍ୟ ଅସାଧୁ ବ୍ୟବସାୟୀମାନେ, ଖଣି ବିଭଗ, ରାଜସ୍ୱ ବିଭାଗ ଓ ପୁଲିସ ବିଭାଗକୁ ହାତ କରି ମନଇଛା ନଦୀ ଗୁଡିକରୁ ବେଆଇନ ଭାବରେ ମୂଲ୍ୟବାନ ବାଲି ଲୁଟ କରିବା ଜାରି ରଖିଛନ୍ତି। ଫଳରେ ବାଲି ଉଠାଣ ଦ୍ୱାରା ଗୁରୁତର ପରିବେଶ ଅସନ୍ତୁଳନ ପରିସ୍ଥିତି ସୃଷ୍ଟି ହୋଇଛି। ଏହି ସବୁ ସୈରାତକୁ ଲିଜ୍ ଦେବା ବେଳେ ଥିବା ବିଭିନ୍ନ ସର୍ତ୍ତକୁ ଉଲଙ୍ଘନ କରାଯାଇଥିବା ଅଭିଯୋଗ ହୋଇଛି। କୌଣସି ବ୍ୟକ୍ତି ବିଶେଷଙ୍କୁ ବାଲି ସୈରାତ ଲିଜ୍ ଦେବା ପୂର୍ବରୁ କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟ ପ୍ରତି ଦୃଷ୍ଟି ଦିଆଯାଇଥାଏ। ସେଗୁଡିକ ମଧ୍ୟରେ ଯେଉଁ ନଦୀ ଗୁଡିକର ବାଲି ସୈରାତ ଲିଜ୍‌ରେ ଦିଆଯିବ ସେହିବାଲି ଉତ୍ତୋଳନ ସ୍ଥାନର ନଦୀପଠାକୁ ଟ୍ରକ ଯିବାପାଇଁ ସଂଯୋଗୀକରଣ ରାସ୍ତା ଥିବ। ସେହି ସୌରାତରୁ ବାଲି ଉଠାଯାଇ ଯେଉଁ ସ୍ଥାନକୁ ଯିବ ସେ ବାଟରେ ନଦୀବନ୍ଧ କିମ୍ବା ସେତୁ ନଥିବ । ସେହି ରାସ୍ତାରେ ଯାନବାହାନ ଚଳାଚଳରେ ଲୋକମାନଙ୍କର କୌଣସି ଅସୁବିଧା ହେଉନଥିବ। ତେବେ ପାଇକା ନଦୀ ପଠାର କୋଲର ସେତୁ ନିକଟରେ ଥିବା ଅଢାପତି ବାଲି ସୈରାତ ନିଲାମ ଦେବା ସମୟରେ ପ୍ରଶାସନ ପକ୍ଷରୁ ସମସ୍ତ ନିୟମକୁ ଅଣଦେଖା କରାଯାଇଥିବା ସାଧାରଣରେ ଅଭିଯୋଗ ହେଉଛି।

କୋଲରଠାରେ ପାଇକା ସେତୁର ପୂର୍ବରେ ଥିବା ବିଳାସପୁର ଘାଟର ଅନୁମତି ନଥାଇ ମଧ୍ୟ ବେଆଇନ ଭାବରେ ରାତିରେ ବାଲିଉଠାଣ କରାଯାଉଥିବା ନଦୀ ଗର୍ଭର ବିଶାଳ ଆକାରର ଗର୍ତ୍ତ ଓ ଗାଡି ଚକର ଚିହ୍ନରୁ ସ୍ପଷ୍ଟ ହେଉଛି। ସେହିପରି ବାଲିସୈରାତରୁ ବାଲି ଉତ୍ତୋଳନ ପାଇଁ କରାଯାଇଥିବା ଏଗ୍ରିମେଣ୍ଟରେ ମାତ୍ର କେତେ ଏକର ନଦୀ ପଠାରୁ ବାଲି ଉତ୍ତୋଳନ ପାଇଁ ଅନୁମତି ମିଳିଥିବା ବେଳେ ଅଢାପତି ବାଲି ସୈରାତ ଜମିର ପରିମାଣ ଏବେ ଆଶ୍ଚର୍ଯ୍ୟଜନକ ଭାବରେ ୨ କିଲୋମିଟର ପରିମିତ ଅଞ୍ଚଳକୁ ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି।

ଅନ୍ୟପକ୍ଷରେ କେନ୍ଦ୍ରାପଡା ଓ ଜଗତସିଂହପୁର ଜିଲ୍ଲାର ସଂଯୋଗସ୍ଥଳ ଧରଣୀ ଛକଠାରେ ଏକ ପୁଲିସ ଚେକ୍ ପୋଷ୍ଟ ରହିଛି। ତେବେ ବାଲି ସୈରାତ ନିକଟରୁ ଏହି ଚେକ ପୋଷ୍ଟ ମାତ୍ର ୩ ଶହ ମିଟର ଦୂରରେ ରହିଥିବା ସମୟରେ ଏହି ବେଆଇନ କାର୍ଯ୍ୟ କଳାପ ସଂପର୍କରେ ପୁଲିସ ନିରବଦ୍ରଷ୍ଟା ସାଜିଛି। ଏ ସମ୍ପର୍କରେ ଜିଲ୍ଲା ଖଣି ଅଧିକାରୀଙ୍କୁ ପଚାରିବାରୁ ସେ କହନ୍ତି , ବିଳାସପୁର ଘାଟରୁ ବାଲି ଉଠାଇବାକୁ ଅନୁମତି ନାହିଁ। ତେବେ ଅଢାପତି ଘାଟରୁ ବାଲି ଉଠାଇବାକୁ ନିଲାମଧାରୀଙ୍କ ଅନୁମତି ଅଛି। କୋର୍ଟଙ୍କ ନିର୍ଦ୍ଦେଶରେ ସନ୍ଧ୍ୟାରୁ ସକାଳ ପର୍ଯ୍ୟନ୍ତ ସେଠାରୁ ବାଲି ଉଠୁଛି। ମାତ୍ର ମେସିନରେ ବାଲି ଉଠାଇବାକୁ କୌଣସି ନିୟମ ନାହିଁ ବୋଲି ସେ ସ୍ୱିକାର କରିଛନ୍ତି। ସେହିପରି ନଦୀ ଗର୍ଭରେ ହ୍ୟୁମ ପାଇପ ବିଛାଇ ରାସ୍ତା ତିଆରି କରିବା ପାଇଁ ଜଳସେଚନ ବିଭାଗଠାରୁ ଅନୁମତି ନେବା ଆବଶ୍ୟକ । ସମ୍ପୃକ୍ତ ନିଲାମଧାରୀ ଏହା କରିଛନ୍ତି କିମ୍ବା ନାହିଁ ଜଳସେଚନ ବିଭାଗ ସହିତ କଥା ହେବା ପରେ ଜଣାପଡିବ ବୋଲି ସେ କହିଛନ୍ତି।





## ମା' ସିଦ୍ଧଚଣ୍ଡୀ ପାଠାଗାରର ବାର୍ଷିକ ଉତ୍ସବ




**କେନ୍ଦ୍ରାପଡ଼ା, ୨୪।୪(ସମିସ):** କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ସାନଗାଁସ୍ଥ ମା' ସିଦ୍ଧଚଣ୍ଡି ପାଠାଗାରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏ ଉପଲକ୍ଷେ ପୂର୍ବାଞ୍ଚଳ ରେଳ ବିଭାଗର ଅବସରପ୍ରାପ୍ତ ଯନ୍ତ୍ରୀ ବିଭୂତିଭୂଷଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବିଶିଷ୍ଟ ସମାଜସେବୀ ଶୁଭଙ୍କର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଶ୍ରୀମଦ୍ ବାବା ବଳିଆଙ୍କ ପ୍ରଧାନ ଶିଷ୍ୟ ତଥା ଶିଶୁ ଅନନ୍ତ ଆଶ୍ରମର ପରିଚାଳକ ଗୋପାଳ ଦାସ ମୁଖ୍ୟବକ୍ତା, ବାଲିଆ ବଜାର କମିଟି ସଭାପତି ପ୍ରମୋଦ କୁମାର ସାହୁ, ଅବସରପ୍ରାପ୍ତ ଶିକ୍ଷକ ରମେଶ ଚନ୍ଦ୍ର ପତି, କରୁଣାକର ସ୍ୱାଇଁ, ନାରାୟଣ ସ୍ୱାଇଁ, ଗଜେନ୍ଦ୍ର କୁମାର ମହାନ୍ତି, ସରୋଜକାନ୍ତ ସାମଲ ଓ ମଦନମୋହନ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗ୍ରାମାଞ୍ଚଳରେ ପାଠାଗାରର ଆବଶ୍ୟକତା, ଚରିତ୍ର ଗଠନ ଓ ସତ୍‌ମାର୍ଗରେ ପରିଚାଳିତ ହେବା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଶ୍ରୀ ଦାସ ଦିବ୍ୟବାଣୀ ପ୍ରଦାନ କରିଥିଲେ। ସସ୍ମିତା ରାଉତ, ବର୍ଷା ପ୍ରିୟଦର୍ଶିନୀ ସାମଲ, ପ୍ରଜ୍ଞାଶ୍ରୀ ମଣ୍ଡଳ ପ୍ରମୁଖ ସାଂସ୍କୃତିକ ନୃତ୍ୟ ପରିବେଷଣ କରିଥିଲେ। ଏ ଅବସରରେ ନାଟକ 'ବୁଢା ଶଙ୍ଖାରୀ' ପରିବେଷଣ କରାଯାଇଥିଲା। ସଂଯୋଜକ ପର୍ଶୁରାମ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଭୂତି ଭୂଷଣ ମହାନ୍ତି ସ୍ୱାଗତ ଭାଷଣ ଓ ମନୋଜ କୁମାର ବାରିକ ମଞ୍ଚ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ।

